# ସବୁ ସୀମା ସିଲ୍, କୋମ୍ବିଂ ଜୋର୍‌ଦାର

ରାୟଗଡ଼ା/ ମୁନିଗୁଡ଼ା,୨୮।୭ (ଆଶିଷ ରଞ୍ଜନ ପଣ୍ଡା/ ନନ୍ଦ କିଶୋର ପଟ୍ଟନାୟକ)

ପୋଲିସ ଗୁଳିରେ ପ୍ରାଣ ହରାଇଥିବା ମାଓବାଦୀଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ସିପିଆଇ ମାଓବାଦୀ ସଂଗଠନ ତରଫରୁ ରବିବାରଠାରୁ ଶହୀଦ ସପ୍ତାହ ଆରମ୍ଭ ହୋଇଛି । ଜୁଲାଇ ୨୮ରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ଶହୀଦ ସପ୍ତାହ ପାଳନ କରିବା ପାଇଁ ରାୟଗଡ଼ା ଜିଲାରେ ସକ୍ରିୟ ଥିବା ମାଓବାଦୀ ସଂଗଠନର ବାସଧାରା-ଘୁମୁସର-ନାଗାବଳୀ ଡିଭିଜନାଲ କମିଟି ଗାଁମାନଙ୍କରେ ଆହ୍ୱାନ କରିଛନ୍ତି। ମୁନିଗୁଡ଼ା ଥାନା ଜଗଦଲପୁର ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଡୁରିଗୁଡାଠାରେ ମାଓବାଦୀଙ୍କ ତରଫରୁ ବ୍ୟାନର ଓ ପୋଷ୍ଟର ଲଗାଯାଇ ଶହୀଦ ସପ୍ତାହ ପାଳନ ଓ ଶୋଷଣମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ ଦେଇଛନ୍ତି। ସେହିଭଳି କମ୍ରେଡ ଚାରୁ ଓ କାହ୍ନାଇ ଅମର ରହେ ବୋଲି ବ୍ୟାନରରେ ଉଲ୍ଲେଖ ରହିଛି। ରବିବାର ସକାଳେ ପୋଲିସ ଓ ସିଆରପିଏଫ୍ ଯବାନ ସେଠାରେ ପହଞ୍ଚି ବ୍ୟାନର ଓ ପୋଷ୍ଟର ଜବତ କରିଛନ୍ତି। ଏହାବ୍ୟତୀତ ଗ୍ରାମାଞ୍ଚଳର ଆଭ୍ୟନ୍ତରୀଣ ଇଲାକାରେ ମାଓବାଦୀମାନେ ପୋଷ୍ଟର ମାରିଥିବା ଖବର ପ୍ରାପ୍ତ ହୋଇଛି । ଅନ୍ୟପକ୍ଷରେ ମାଓବାଦୀଙ୍କ ଶହୀଦ ସପ୍ତାହକୁ ଦୃଷ୍ଟିରେ ରଖି ପୋଲିସ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଥିବା ଜଣାପଡ଼ିଛି । ଜିଲାର ସମସ୍ତ ଅଞ୍ଚଳରେ ଚେକିଂକୁ ଜୋରଦାର କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ଜିଲାରେ ଥିବା ସିଆରପିଏଫର ଦୁଇଟି ବାଟାଲିୟନକୁ ଆଲର୍ଟ କରାଯାଇଛି। ଜିଲାର ମାଓବାଦୀ ପ୍ରବଣ କଲ୍ୟାଣସିଂହପୁର, କାଶୀପୁର, ଅମ୍ବାଦଳା, ମୁନିଗୁଡ଼ା, ଚନ୍ଦ୍ରପୁର, ବିଷମକଟକ ଓ ଗୁଡ଼ାରୀ ଥାନା ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ଏ ନେଇ ଏସପି ହରିଶ ବିସିଙ୍କୁ ପଚାରିବାରୁ ଗୁଇନ୍ଦା ତଥ୍ୟ ଆଧାରରେ



ମାଓବାଦୀମାନେ ମାରିଥିବା ପୋଷ୍ଟର, ବ୍ୟାନର।

■ ମାଓବାଦୀଙ୍କ ଶହୀଦ ସପ୍ତାହ
■ ବିଭିନ୍ନ ସ୍ଥାନରେ ମାଓବାଦୀଙ୍କ ବ୍ୟାନର ଓ ପୋଷ୍ଟର

ପୋଲିସ ନିଜ କାର୍ଯ୍ୟ କରୁଛି ବୋଲି କହିଛନ୍ତି। ସମ୍ପୂର୍ଣ୍ଣ ଜିଲାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା କହିଛନ୍ତି ଏସ୍‌ପି ହରିଶ । ତେବେ ଏହି ସମୟରେ ମାଓବାଦୀମାନେ ହିଂସାକାଣ୍ଡ ଘଟାଇବାର ଅନେକ ନଜିର ରହିଛି । ୨୦୧୩ ଜୁଲାଇ ୧୯ ତାରିଖରେ ହଲଦୀମାଳି ଏନକାଉଣ୍ଟରରେ ମୃତ ୩ ମାଓବାଦୀ, ୨୦୧୧ ଡିସେମ୍ବର ୯ରେ ବାସଙ୍ଗମାଳି ଏନକାଉଣ୍ଟରରେ ମୃତ୍ୟୁବରଣ କରିଥିବା ୯ ଜଣ ମାଓବାଦୀ ଏବଂ କିଛିଦିନ ପୂର୍ବେ ପଡୋଶୀ କନ୍ଧମାଳ ଜିଲାରେ ମୃତ ମାଓବାଦୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବାର ସମ୍ଭାବନା ରହିଛି। ତେଣୁ ଚନ୍ଦ୍ରପୁର ଓ ରାଇଘିଟିଠାରେ ଥିବା ସିଆରପିଏଫ ଯବାନମାନଙ୍କୁ କନ୍ଧମାଳ ସୀମା ଏବଂ କଲ୍ୟାଣସିଂହପୁର ଓ କାଶୀପୁରଠାରେ ଥିବା ସିଆରପିଏଫ ଯବାନଙ୍କୁ କଳାହାଣ୍ଡି ସୀମାକୁ ଅପରେଶନ ପାଇଁ ପଠାଯାଇଥିବା ସୂଚନା ମିଳିଛି ।

# ଆଳୁ ଦର ଉଲ୍ଲେଖ ପାଇଁ ନିର୍ଦ୍ଦେଶ


ଯୋଗାଣ ବିଭାଗ ପକ୍ଷରୁ ଗୁଣପୁରର ଏକ ଦୋକାନରେ ଚଢାଉ କରାଯାଇଛି।

**ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ଦୋକାନରେ ଚଢାଉ**

ଗୁଣପୁର,୨୮।୭(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ଯୋଗାଣ ବିଭାଗ ପକ୍ଷରୁ ରବିବାର ସହରରେ ଥିବା ବିଭିନ୍ନ ଦୋକାନ ଉପରେ ଚଢାଉ କରାଯାଇଥିଲା। ଆଳୁ ଦର ବୃଦ୍ଧି ପରେ ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ବିଭାଗର ଏକ ଟିମ୍ ପକ୍ଷରୁ ଚଢାଉ କରିଥିଲା। ଆଳୁ ଦର ହୋଲସେଲରେ ୩୧ ଟଙ୍କା ରହିଥିବାବେଳେ ଖୁଚୁରା ବ୍ୟବସାୟରେ ୩୫ ଟଙ୍କାରେ ବିକ୍ରୟ କରିବାକୁ ବିଭାଗ ପକ୍ଷରୁ ଦୋକାନୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଳୁ ଏବଂ ପିଆଜ ଦର ସହ ଅନ୍ୟାନ୍ୟ ଜିନିଷର ଦରଦାମ ଚାର୍ଟ ଦୋକାନରେ ଟାଙ୍ଗିବାକୁ କୁହାଯାଇଥିଲା। ଧାର୍ଯ୍ୟ ଦରଠାରୁ ଅଧିକ ଦାମରେ ବିକ୍ରୟ କରାଗଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଚଢାଉ ସମୟରେ ବ୍ଲକ ଯୋଗାଣ ଅଧିକାରୀ ରିତା ବେହେରା ମଧ୍ୟ ଉପସ୍ଥିତ ଥିଲେ। ଅତ୍ୟାବଶ୍ୟକୀୟ ସାମଗ୍ରୀର କଳାବଜାରି ରୋକିବା ସହ ଦରଦାମ ଉପରେ ନିୟନ୍ତ୍ରଣ ରଖିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହାର ଖିଲାପ ହେଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ନାବାଳିକା ନିଖୋଜ ନେଇ ଅଭିଯୋଗ

ଜୟପୁର, ୨୮।୭ (ପବନ ପାଣିଗ୍ରାହୀ)

ଜଣେ ନାବାଳିକା ନିଖୋଜ ଥିବା ନେଇ ରବିବାର ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଛି। ଶନିବାର ନାବାଳିକା ଜଣକ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ତାଙ୍କୁ ନ ପାଇବାରୁ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ନିଖୋଜ ମାମଲା ରୁଜୁ କିର ତଦନ୍ତ ଚଳାଇଛି ।

# କାର୍‌ଗିଲ ବିଜୟ ଦିବସ ପାଳିତ

ରାୟଗଡ଼ା,୨୮।୭(ଆଶିଷ ରଞ୍ଜନ ପଣ୍ଡା)

ସ୍ଥାନୀୟ ଆଜାଦ୍ ହିନ୍ଦ୍ ୟୁଥ୍ ଆସୋସିଏଶନ୍ ସାଧାରଣ ସମ୍ପାଦକ ବିନାୟକ କରଙ୍କ ପୌରହିତ୍ୟରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ପ୍ରମୁଖ କର୍ମକର୍ତ୍ତାଙ୍କ ମଧ୍ୟରେ ଜିତେନ୍ଦ୍ର ରେଡ୍ଡୀ, ମିହିର ପଣ୍ଡା, ମନୋଜ ରଥ, ପ୍ରଶାନ୍ତ ବିଶୋଇ, ଶ୍ରୀକାନ୍ତ ଚୌଧୁରୀ, ତ୍ରିପତି ପାଣିଗ୍ରାହୀ, ଅବିନାଶ ବିଷୋଇ, ଚିନୁ ପ୍ରମୁଖ ଯୋଗଦେଇଥିଲେ। ସେହିଭଳି କାରଗିଲ ବିଜୟ ଦିବସ ଅବସରରେ ଭେଟେରାନ୍ ସୋଲଜର୍ସ ଆସୋସିଏଶନ୍ ତରଫରୁ ସଭାପତି ଶିବ ପ୍ରସାଦ ରଥ ଓ ସମ୍ପାଦକ ସୁରଜିତ ହୋତାଙ୍କ ତତ୍ତ୍ୱାବଧାନରେ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରା ଗୌତମ ନଗର ଶିବ ମନ୍ଦିର ଛକରୁ ବାହାରି ଆଜାଦ୍ ହିନ୍ଦ୍ ୟୁଥ୍ ଆସୋସିଏଶନ୍ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଉକ୍ତ କ୍ୟାଣ୍ଡେଲ୍ ଶୋଭାଯାତ୍ରାରେ ଅବସରପ୍ରାପ୍ତ ସେନା ଅଧିକାରୀମାନେ ଯୋଗଦେଇଥିଲେ। ଉଭୟ ଅନୁଷ୍ଠାନର କର୍ମକର୍ତ୍ତା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାରଗିଲ ଯୁଦ୍ଧରେ ସାମିଲ୍ ଥିବା ଅବସରପ୍ରାପ୍ତ ସେନା ଅଧିକାରୀ ସେମାନଙ୍କ ଅନୁଭୂତି କହିଥିଲେ। ଶେଷରେ ନୀଳମଣି ପାଢୀଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।


ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ଉଭୟ ଅନୁଷ୍ଠାନର କର୍ମକର୍ତ୍ତା।

# ଲାମ୍ବେରୀ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କଲେ ବିଧାୟକ


ଲାମ୍ବେରୀ ଗାଁରେ ଲୋକଙ୍କ ସହିତ ଆଲୋଚନା କରୁଛନ୍ତି ବିଧାୟକ।

ରାୟଗଡ଼ା/ଟିକିରି,୨୮।୭ (ଆଶିଷ ରଞ୍ଜନ ପଣ୍ଡା/ ପ୍ରଫୁଲ୍ଲ କୁମାର ବେହେରା)

■ ଝାଡ଼ାବାନ୍ତିରେ ୨ ଜଣଙ୍କ ମୃତ୍ୟୁ ପରେ ଚେତିଲା ପ୍ରଶାସନ
■ ଗାଁରେ ଡାକ୍ତରୀ ଟିମ୍‌ର ଚିକିତ୍ସା ଆରମ୍ଭ
■ ହଇଜା ହୋଇ ନ ଥିବା ସୂଚନା ଦେଲା ସ୍ୱାସ୍ଥ୍ୟ ବିଭାଗ

ଝାଡ଼ାବାନ୍ତି ଆକ୍ରାନ୍ତରେ ୨ ଜଣଙ୍କ ମୃତ୍ୟୁ ଖବର ପାଇବା ପରେ କାଶୀପୁର ବ୍ଲକ ଲାମ୍ବେରୀ ଗାଁକୁ ଯାଇ ରବିବାର ଲୋକଙ୍କ ସହିତ ଆଲୋଚନା କରିଛନ୍ତି ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା । ଆଲୋଚନା ପରେ ଗାଁରେ ପାନୀୟ ଜଳ ସମସ୍ୟା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ କରିଛନ୍ତି । ଆପଲସ୍ୱାମୀଙ୍କ କହିବାନୁସାରେ, ଗାଁରେ ୮୦ ପରିବାର ପାଇଁ ରହିଛି ମାତ୍ର ଗୋଟିଏ ନଳକୂପ । ଉକ୍ତ ନଳକୂପରୁ ସମ୍ପୂର୍ଣ୍ଣ ଭାବେ ଗୋଳିଆ ପାଣି ବାହାରୁଥିବା ଦେଖିବାକୁ ମିଳିଛି। ଗୋଳିଆ ପାଣି ବ୍ୟବହାର ଯୋଗୁ ଗ୍ରାମବାସୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥାଇପାରନ୍ତି ବୋଲି କହିଛନ୍ତି ଆପଲସ୍ୱାମୀ । ଏଥିସହିତ ଗାଁକୁ ରାସ୍ତା ନ ଥିବା କାରଣରୁ ଆମ୍ବୁଲାନ୍ସ ହେଉ କି ଅନ୍ୟ ଗାଡି ଗାଁକୁ ଯାଇପାରୁ ନ ଥିବା କହିଛନ୍ତି ବିଧାୟକ କାଡ୍ରାକା । ଏ ନେଇ ସେ ଜିଲାପାଳଙ୍କ ସହିତ ଆଲୋଚନା କରିବା ସହିତ ବିଧାନସଭାରେ କାଶୀପୁର ବ୍ଲକର ବିକାଶକୁ ନେଇ ପ୍ରଶ୍ନ କରିବେ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଲାମ୍ବେରୀ ଗ୍ରାମକୁ ଯାଇ ଚିକିତ୍ସା ଆରମ୍ଭ କରିଛନ୍ତି। ଗାଁରେ ଏବେ ପ୍ରାୟ ୫ରୁ ଊର୍ଦ୍ଧ୍ୱ ଝାଡ଼ାବାନ୍ତିରେ ସଂକ୍ରମିତ ହୋଇଥିବା ଉକ୍ତ ଗାଁର ବାସିନ୍ଦା ଲମ୍ବୁ ମାଝୀ କହିଛନ୍ତି । ଏଥିସହିତ ଗାଁର ନଳକୂପରୁ ପାଣି ପରୀକ୍ଷଣ ପାଇଁ ଆଣିଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ ବିଭାଗ ସୂଚନା ପ୍ରକାରେ ମୃତ ତିଲେଇ ମାଝି ହୃଦଘାତ ଯୋଗୁ ମୃତ୍ୟୁବରଣ କରିଥିଲେ ଏବଂ ଆନନ୍ଦ ମାଝି ଦିନସାରା କିଛି ନ ଖାଇବା ଯୋଗୁଁ ରାତିରେ ତାଙ୍କୁ ବାନ୍ତି ଏବଂ ଝାଡ଼ା ହୋଇଥିଲା । ତେଣୁ ତାଙ୍କର ମୃତ୍ୟୁ ଘଟିଥିଲା । ସ୍ୱାସ୍ଥ୍ୟ ବିଭାଗ ଅନୁସାରେ ଗ୍ରାମରେ କେହି ହଇଜାରେ ଆକ୍ରାନ୍ତ ନାହାନ୍ତି ଏବଂ କିଛି ଜଣଙ୍କୁ ଜ୍ୱର ସହ ରକ୍ତ ଝାଡ଼ା ହେଉଛି। ସେମାନଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି । ତେବେ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଗ୍ରାମରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱ ଦେଇ ଏହାର ସମାଧାନ କରିବାକୁ ଦାବି କରିଛନ୍ତି ଆପଲସ୍ୱାମୀ ।

# ବିଷପିଇ ମହିଳାଙ୍କ ଆତ୍ମହତ୍ୟା ସନ୍ଦେହ

ଦଶମନ୍ତପୁର, ୨୮।୭ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲା ପଞ୍ଚାୟତ ଅଞ୍ଚଳର ଜଣେ ବିବାହିତା ମହିଳା କୌଣସି କାରଣରୁ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରୁଥିବା ଜଣାପଡିଛି। ରବିବାର ଅପରାହ୍ନରେ ମହିଳାଙ୍କ ସ୍ୱାମୀ ତାଙ୍କୁ ଗୁରୁତର ଅବସ୍ଥାରେ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ମହିଳା ଜଣକ ବିଷ ପିଇଥିବା ସନ୍ଦେହ କରି ଥାନାକୁ ସୂଚନା ଦେଇଥିଲେ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ କେଉଁ କାରଣରୁ ମହିଳା ଜଣକ ଆତ୍ମହତ୍ୟା ଉଦ୍ୟମ କରୁଥିଲେ ତାହା ସ୍ପଷ୍ଟ ହୋଇନାହିଁ।

# ଶିକ୍ଷା ଅଧିକାର, ଆଇନ ସମ୍ପର୍କିତ କର୍ମଶାଳା



କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

ଗୁଡାରି,୨୮।୭ (ପ୍ରମୋଦ କୁମାର ପତି)

ରାୟଗଡା ଜିଲା ଗୁଡାରି ସରକାରୀ ଏସ୍‌ଏସ୍‌ଡ଼ି ବାଳିକା ଉଚ୍ଚ ବିଦ୍ୟାଳୟରେ ଗୁଣପୁର ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶିକ୍ଷା ଅଧିକାର ଓ ଶିକ୍ଷା ଆଇନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ଗମାଙ୍ଗ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଣପୁର ସବଜଜ୍ ସନ୍ତୋଷ କୁମାର ମହାପାତ୍ର, ଏସ୍‌ଡ଼ିଜିଏମ ଲକ୍ଷ୍ମୀ ମହାପାତ୍ର, ଜେଏମ୍‌ଏଫ୍‌ସି ପୁନ୍ୟଶ୍ଳୋକ ଦାସ, ଆଡ଼ଭୋକେଟ ରମେଶ ଚନ୍ଦ୍ର ଲିମା, ସୁନୀତା ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ସହ ଅତିଥିଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଶିକ୍ଷା ଅଧିକାର ଏବଂ ଆଇନ ସେବା ବିଷୟରେ ଅତିଥିମାନେ ବିଦ୍ୟାଳୟର ଛାତ୍ରୀ ଓ ଆସିଥିବା ଅଭିଭାବକଙ୍କୁ ବୁଝାଇଥିଲେ ।

# ସିପିଆଇ(ଏମ୍‌ଏଲ୍) ଲିବରେଶନକୁ ସୁଦୃଢ଼ କରିବାକୁ ଆହ୍ୱାନ

ଗୁଣପୁର/ ପଦ୍ମପୁର,୨୮।୭(ପ୍ରଦୀପ କୁମାର ପାଢ଼ୀ/ ପ୍ରଶାନ୍ତ କୁମାର କର)

**କମ୍ରେଡ ଚାରୁ ମଜୁମଦାରଙ୍କ ସ୍ମୃତି ଦିବସ**

ରାୟଗଡା ଜିଲା ଗୁଣପୁର ଏବଂ ପଦ୍ମପୁର ବ୍ଲକ୍‌ରେ ରବିବାର ସିପିଆଇ (ଏମ୍‌ଏଲ) ଲିବରେଶନର ପୂର୍ବତନ ସାଧାରଣ ସମ୍ପାଦକ କମ୍ରେଡ ଚାରୁ ମଜୁମଦାରଙ୍କ ୫୨ ତମ ଶହୀଦ ଦିବସ ପାଳିତ ହୋଇଯାଇଛି। ଗୁଣପୁର ବ୍ଲକ ଅନ୍ତର୍ଗତ ଲୁଙ୍ଗୁରୁତାଲ, କୁକୁରୁଗୁଡା, ଚାଲକମ୍ବା, ଜାମ୍ବଗୁଡା, ରିଜିଙ୍ଗତାଲ ଗ୍ରାମରେ ଶହୀଦ ଦିବସ ପାଳନ କରାଯାଇଛି। କମ୍ରେଡ ଚାରୁ ମଜୁମଦାର ପଶ୍ଚିମବଙ୍ଗର ଦାର୍ଜିଲିଂ ଜିଲା ସିଲିଗୁଡି ଅଞ୍ଚଳରେ ଜନ୍ମ ଗ୍ରହଣ କରିଥିଲେ। ୧୯୬୯ରେ ସିପିଆଇ (ଏମଏଲ) ଲିବରେଶନ ପାର୍ଟି ଗଠନ କରିବା ସହ ଗରିବ ମେହନତି କୃଷକଙ୍କ ଅଧିକାର ପାଇଁ ଜମି ଆନ୍ଦୋଳନ କରିଥିଲେ । ୨୮ ଜୁଲାଇ କମ୍ରେଡ ଚାରୁ ମଜୁମଦାରଙ୍କ ୫୨ତମ ଶହୀଦ ଦିବସ ଓ ସିପିଆଇ( ଏମଏଲ) ଲିବରେଶନର ୫୦ ତମ ବାର୍ଷିକୀ ପାଳନ କରିବା ଅବସରରେ ପାର୍ଟିକୁ ବିସ୍ତାର ଓ ସୁଦୃଢ଼ୀକରଣ କରିବା ପାଇଁ ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଅନାସିମ ଶବର, ତ୍ରିନାଥ ଶବର,ରାଜୁ ପାତିକା,ନିରଞ୍ଜନ ଶବର,ସମ୍ବରା ଶବର, ସଞ୍ଜୀବ ଶବର, ମିନ ଶବର,ସାଇମା ଶବର,ସଞ୍ଜୟ ଶବର, ଯୋହନ ଶବର, ମୁନି ଶବର ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ପଦ୍ମପୁର ବ୍ଲକ ଅନ୍ତର୍ଗତ କୋଇଲିକଟା, ଧାରାପୁର ଗାଁରେ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ କହିଥିଲେ, ଚଳିତ ବଜେଟରେ ସାଧାରଣ ଲୋକଙ୍କ ପାଇଁ କିଛି ନାହିଁ । ବଜେଟ୍‌ରେ ଓଡ଼ିଶା ସମେତ ଅନ୍ୟ ଦୁର୍ବଳ ରାଜ୍ୟଗୁଡ଼ିକ ପ୍ରତି ଘୋର ଅନ୍ୟାୟ କରାଯାଇଛି। ଯାହା ସଂଘୀୟ ବ୍ୟବସ୍ଥା ପ୍ରତି ବିତସ୍ପୃହତା ବଢାଇବା ସହ ପରିଣାମ ଶୁଭଙ୍କର ହେବ ନାହିଁ ବୋଲି କହିଥିଲେ। ପୋଲାଭରମ ପ୍ରକଳ୍ପକୁ ନେଇ ଓଡ଼ିଶା-ଆନ୍ଧ୍ର ବିବାଦ ଏବେ ବି କୋର୍ଟରେ ବିଚାରାଧୀନ ଥିବାବେଳେ ଏହି ପ୍ରକଳ୍ପକୁ ଶେଷ କରିବା ପାଇଁ ଆନ୍ଧ୍ରକୁ ଆର୍ଥିକ ଅନୁଦାନ ଦେବା ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବା କହିଥିଲେ। । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ମାଝୀ (ବ୍ଲକ ସମ୍ପାଦକ), ନକ୍ଷତ୍ର ଶବର, ରାଜୁ ନିମାଲୁ, ତୁଳସା ନିମାଲା, ଟୁକୁନା ନିମାଲୁ, ବାଲାଜୀ ମଣ୍ଡାଙ୍ଗି, ଗୋପୀନାଥ ନିମାଲା ପ୍ରମୁଖ ଯୋଗଦାନ କରିଥିଲେ।


ଗୁଣପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ସହ ଅନ୍ୟମାନେ।



ସିପିଆଇ (ଏମ୍‌ଏଲ) ଲିବରେସନ କର୍ମକର୍ତ୍ତାଙ୍କ ଶୋଭାଯାତ୍ରା।

# ନିର୍ମାଣର ବର୍ଷେ ମଧ୍ୟରେ ବିଭିନ୍ନ ସ୍ଥାନରେ ଫାଟ

■ ସିକରପାଇ-କଲ୍ୟାଣସିଂହପୁର ରାସ୍ତା ନିର୍ମାଣ ନିମ୍ନମାନର
■ ମାଟି ଉପରେ ପିଚୁ ଦେଇ ରାସ୍ତା ନିର୍ମାଣ ଅଭିଯୋଗ
■ ଭିଜିଲାନ୍ସ ତଦନ୍ତ କରାଯାଉ: ଗ୍ରାମବାସୀ

ରାୟଗଡ଼ା,୨୮।୭(ଆଶିଷ ରଞ୍ଜନ ପଣ୍ଡା)

୨୦୨୩ରେ ରାୟଗଡ଼ା ଜିଲା କଲ୍ୟାଣସିଂପୁର ବ୍ଲକର ସିକରପାଇଠାରୁ କଲ୍ୟାଣସିଂହପୁର ସଦର ପର୍ଯ୍ୟନ୍ତ ୧୫ କିମି ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା । ହେଲେ ରାସ୍ତା ନିର୍ମାଣର ବର୍ଷେ ନ ପୂରୁଣୁ କୃଷ୍ଣପାତ୍ରଗୁଡ଼ାଠାରୁ ଭାତପର୍ସି ଗ୍ରାମ ମଧ୍ୟରେ ରହିଥିବା ଏକ ପୋଲ ଉପର ରାସ୍ତା ପିଚୁ ଫାଟି ଆଁ କରିଥିବା ଦେଖିବାକୁ ମିଳିଛି। ଉକ୍ତ ରାସ୍ତା ନିର୍ମାଣ ବେଳେ ଦାୟିତ୍ୱରେ ରହିଥିବା ଯନ୍ତ୍ରୀଙ୍କ ଅବହେଳା ଏବଂ ଉଚିତ ତଦାରଖ ଅଭାବ ଯୋଗୁ ଏଭଳି ସମସ୍ୟା ଉପୁଜିଥିବା କଲ୍ୟାଣସିଂହପୁର ବ୍ଲକ୍ ବାସିନ୍ଦା ଅଭିଯୋଗ କରିଛନ୍ତି। ପ୍ରକାଶ ଥାଉକି, ଗତ ବର୍ଷ ନାଗାବଳୀ ନଦୀ ପୋଲର ସୁରକ୍ଷା ପାଚେରିରେ ଫାଟ ସୃଷ୍ଟି ହୋଇ ତଳପଟରୁ ବିପଦ ସୃଷ୍ଟି ହୋଇଥିଲା। ପୁଣି ବର୍ଷେ ନ ପୂରୁଣୁ ପୋଲର ଆପ୍ରୋଚ ରାସ୍ତାରେ ଫାଟ ସୃଷ୍ଟି ହୋଇ ଦବିଥିବା ମଧ୍ୟ ଦେଖିବାକୁ ମିଳିଛି। ତେବେ ରାୟଗଡ଼ାଠାରୁ କଳାହାଣ୍ଡି ଜିଲାକୁ ସଂଯୋଗ କରୁଥିବା ଏହି ବିପଦସଙ୍କୁଳ ରାସ୍ତାରେ ଏବେ ଲୋକେ ଯାତାୟାତ କରିବାକୁ ଭୟଭୀତ ମନେ କରୁଛନ୍ତି।

ସିକରପାଇଠାରୁ କଲ୍ୟାଣସିଂହପୁର ପର୍ଯ୍ୟନ୍ତ ୧୫ କିମି ରାସ୍ତାକୁ ୬୦ କୋଟିରୁ ଅଧିକ ଟଙ୍କା ବ୍ୟୟ ଅଟକଳରେ ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏକ ଠିକା ସଂସ୍ଥା କାର୍ଯ୍ୟ କରିଥିଲା। ଆରମ୍ଭ ଦିନଠାରୁ କାମର ମାନକୁ ନେଇ ବିଭିନ୍ନ ଅଭିଯୋଗ ହୋଇଥିଲା। ହେଲେ ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ ଅଧିକାରୀ କର୍ଣ୍ଣପାତ ନ କରି ନିମ୍ନମାନର କାର୍ଯ୍ୟ କରିଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ବ୍ଲକବାସିନ୍ଦା ଅଭିଯୋଗ କରିଛନ୍ତି। ତେବେ ସେହି ରାସ୍ତା ଦାୟିତ୍ୱରେ ଥିବା ଅଧିକାରୀଙ୍କ ପ୍ରତି ପୂର୍ତ୍ତ ବିଭାଗ ଅହେତୁକ ଅନୁକମ୍ପା ଦେଖାଇଥିବାରୁ ଏଭଳି ନିମ୍ନମାନର ରାସ୍ତା ନିର୍ମାଣ ହୋଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ତେବେ ଏ ସମ୍ପର୍କରେ ଅଧିକ୍ଷଣ ଯନ୍ତ୍ରୀ ଅମ୍ବିକେୟ ମିଶ୍ରଙ୍କୁ ପଚାରିବାରୁ ଯେଉଁ ସ୍ଥାନରେ ଫାଟ ସୃଷ୍ଟି ହୋଇଛି ସମ୍ପୃକ୍ତ ଏଜେନ୍ସିକୁ କହି ତୁରନ୍ତ ତାର ମରାମତି କରାଯିବ ବୋଲି ସୂଚନା ଦେଇଛନ୍ତି । ଏଥିସହିତ ବର୍ଷାଦିନ ପରେ ଏହାର ପୁନଃ ମରାମତି କରାଯିବ ବୋଲି କହିଛନ୍ତି। ଏ ନେଇ ବିଷମକଟକ ବିଧାୟକ ନୀଳମାଧବ ହିକ୍‌କାଙ୍କୁ ପଚାରିବାରୁ ରାସ୍ତା ନିର୍ମାଣ ହୋଇ ବର୍ଷେ ନ ପୂରୁଣୁ ପୋଲି ଦବିବା, ରାସ୍ତା ଫାଟିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ଏହି କାମ କରିଥିବା ଠିକାଦାର ନିମ୍ନମାନର କାମ କରିଥିବା ଏବଂ ଦାୟିତ୍ୱରେ ରହିଥିବା ଯନ୍ତ୍ରୀଙ୍କୁ ଦାୟୀ କରିଛନ୍ତି ବିଧାୟକ ନୀଳମାଧବ । ଏ ନେଇ ବିଧାନସଭାରେ ପ୍ରଶ୍ନ କରିବା ସହିତ ସମ୍ପୃକ୍ତ ଯନ୍ତ୍ରୀଙ୍କ ବରୋଧରେ ଭିଜିଲାନ୍ସ ତଦନ୍ତ ଦାବି କରିବେ ବୋଲି କହିଛନ୍ତି ନୀଳମାଧବ । ଏଥିସହିତ ଏହି ରାସ୍ତାର ମାନରେ ପରିବର୍ତ୍ତନ କରି ଏହାକୁ ପୁନଃ ନିର୍ମାଣ କରା ନ ଗଲେ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି କହିଛନ୍ତି ନୀଳମାଧବ ।


ପୋଲ ଉପର ରାସ୍ତା ପିଚୁ ଫାଟି ଆଁ କରିଛି।

# ଜୀବନକୁ ବାଜି ଲଗାଇ ଯାତାୟାତ କରନ୍ତି ଗ୍ରାମବାସୀ

ପଟ୍ଟାଙ୍ଗି,୨୮।୭(ଶରତ ଧଳ)

ଗ୍ରାମାଞ୍ଚଳ ହେଉ କିମ୍ବା ସହରାଞ୍ଚଳ ଯେଉଁଠି ହେଲେ ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ କରିବାକୁ ରାସ୍ତାଟିଏ ଥିବା ଜରୁରୀ। ଅଥଚ କୋରାପୁଟ ଜିଲାର ପଟ୍ଟାଙ୍ଗି ବ୍ଲକ୍‌ରେ ବର୍ଷ ବର୍ଷ ଧରି ରାସ୍ତା ମୁଖ୍ୟ ସମସ୍ୟା ହୋଇଥିଲେ ସୁଦ୍ଧା ସରକାରୀ କିମ୍ବା ରାଜନୈତିକ ସ୍ତରରେ କେହି ଦୃଷ୍ଟି ଦେଉନାହାନ୍ତି। ପେଞ୍ଚ ବାହାର କରିବା ଲାଗି ଗ୍ରାମବାସୀ ନିର୍ବାଚନ ସମୟରେ କେଉଁ ଦଳକୁ ଭୋଟ ଦେଇଥିଲେ ଖୋଳତାଡ଼ କରି ସମସ୍ୟା ସମାଧାନଠାରୁ ଦୂରେଇରହନ୍ତି। ଏଥିପାଇଁ କୋରାପୁଟ ଜିଲାର ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ପେଟୁରୁ ପଞ୍ଚାୟତର ବଡ଼ାଗୁଡ଼ା ଗ୍ରାମବାସୀଙ୍କ ପାଇଁ ବର୍ଷ ବର୍ଷ ବିତିଯାଇଥିଲେ ସୁଦ୍ଧା ରାସ୍ତାଟିଏ ହୋଇପାରିନାହିଁ। ୩୦ ପରିବାର ରହୁଥିବା ବଡ଼ାଗୁଡ଼ା ଗ୍ରାମରେ ନାହିଁ ନ ଥିବା ସମସ୍ୟାରେ ଚଳୁଛନ୍ତି। ବର୍ଷାଦିନରେ


ବଡ଼ାଗୁଡ଼ା ଗ୍ରାମକୁ ଯାଇଥିବା ରାସ୍ତା।

ଜୀବନକୁ ବାଜି ଲଗାଇ ଯାତାୟାତ କରି ଚଳନ୍ତି ଗ୍ରାମବାସୀ। ବଡାଗୁଡା ଗ୍ରାମଟି ପେଟୁର ପଞ୍ଚାୟତର ୨ନଂ. ୱାର୍ଡରେ ରହିଛି। ପଞ୍ଚାୟତରୁ ଆନ୍ଧ୍ର ସୀମାନ୍ତ ମାଟାମ୍ ଜିଲା ଗୁଣ୍ଡାକୁ ସଂଯୋଗ କରୁଥିବା ପିଚୁରାସ୍ତା ଦେଇ ବଡାଗୁଡା ଗ୍ରାମକୁ ଯିବାକୁ ହୁଏ। ପିଚୁ ରାସ୍ତାଠାରୁ ସଂଯୋଗ ହୋଇଥିବା ମାଟି ରାସ୍ତା ଅଧ କି.ମି. ଅବସ୍ଥା ଶୋଚନୀୟ ହୋଇପଡିଛି। ରାସ୍ତାର ଉନ୍ନତୀକରଣ ପାଇଁ

### ଅଧା କି.ମି. ରାସ୍ତା ମରଣଯନ୍ତା

ସରପଞ୍ଚଠାରୁ ଆରମ୍ଭକରି ବିଧାୟକଙ୍କ ପର୍ଯ୍ୟନ୍ତ କେହି ଦୃଷ୍ଟି ଦେଉନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ବରୁ ଥିବା ବିଧାୟକଙ୍କୁ ଏନେଇ ବାରମ୍ବାର ଲିଖିତ ଭାବେ ଜଣାଇଥିଲେ ମଧ୍ୟ ସେ ଗୁରୁତ୍ୱ ଦେଇନାହାନ୍ତି। ବର୍ତ୍ତମାନର ବିଧାୟକ ରାମଚନ୍ଦ୍ର କାଡାମ୍‌ଙ୍କ ଉପରେ ବଡାଗୁଡାବାସୀ ରାସ୍ତା ନିର୍ମାଣ ନେଇ ଭରସା କରିଛନ୍ତି। ଏନେଇ ପିଇଓ ମୋହନ ମାଣ୍ଡିଙ୍ଗାଙ୍କୁ ପଚାରିବାରୁ ସେ କହିଲେ, ବର୍ତ୍ତମାନ ଉକ୍ତ ରାସ୍ତାକୁ ମେଟାଲିଂ କରିବାକୁ ଏକ ପ୍ରସ୍ତାବ ରଖାଯାଇଛି। ପରେ ବିଡିଓଙ୍କ ସହ ଆଲୋଚନାକରି ଏକ ପେଭର ବ୍ଲକ୍ ରାସ୍ତା ପାଇଁ ପ୍ରସ୍ତାବ ଯିବ ବୋଲି କହିଥିଲେ।

# ଟେଣ୍ଡର ସରିଛି, ବର୍ଷା କମିବାପରେ କାମ ଆରମ୍ଭ ହେବ: ଅଧୀକ୍ଷଣ ଯନ୍ତ୍ରୀ


ସୁନାବେଡା-କୋରାପୁଟ ରାସ୍ତା ପାଲଟିଛି ମରଣଯନ୍ତା ।

ସୁନାବେଡା,୨୮।୭(କୃତ୍ତିବାସ ପ୍ରଧାନ)

ଲଗାଣ ବର୍ଷାରେ ୨୬ ନମ୍ବର ଜାତୀୟ ରାଜପଥ ଅବସ୍ଥା ବେହାଲ ହୋଇପଡିଛି। ଯାହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାଟି ରାଇପୁର ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରୁଥିବା ବେଳେ ପ୍ରତିଦିନ ଏହି ରାସ୍ତା ଦେଇ ବହୁ ସଂଖ୍ୟାରେ ଗାଡ଼ି ମୋଟର ଯାତାୟାତ କରୁଛି। ମାତ୍ର ରାସ୍ତା ଅବସ୍ଥା ଅତି ଖରାପ ହୋଇ ପଡିଥିବାରୁ ଗାଡ଼ିଚାଳକଠାରୁ ଆରମ୍ଭ କରି ସ୍ଥାନୀୟ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ସୁନାବେଡାଠାରୁ ଆରମ୍ଭ କରି କୋରାପୁଟ ପର୍ଯ୍ୟନ୍ତ ୧୫ କି.ମି. ରାସ୍ତା ଖାଲଖମାରେ ଭର୍ତ୍ତିହୋଇ ରହିଛି । ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଖାଲ ଗୁଡିକରେ ବର୍ଷା ଜଳ ଭର୍ତ୍ତି ହୋଇ ରହୁଛି। ଫଳରେ ଛୋଟ ବଡ଼ ଦୁର୍ଘଟଣାମାନ ଘଟି ଧନ ଜୀବନ ହାନି ହେଉଛି। ଯାହାକୁ ନେଇ ଗତ ୧୫ ତାରିଖ ଧରିତ୍ରୀରେ 'ସୁନାବେଡାରୁ କୋରାପୁଟ ଯାଏ ଗାତ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନି। ସେହି ରାସ୍ତାରେ ପ୍ରତ୍ୟେହ କରୁଥିବା କୃଷ୍ଣ ପଣ୍ଡା କହନ୍ତି, ସେମିଳିଗୁଡାରୁ କୋରାପୁଟ ପର୍ଯ୍ୟନ୍ତ ଯିବାକୁ ପୂର୍ବରୁ ୧୫ ମିନିଟ ସମୟ ଲାଗୁଥିଲା। ଏବେ ରାସ୍ତାର ଅବସ୍ଥା ପାଇଁ ଘଣ୍ଟାଏରୁ ଅଧିକ ସମୟ ଲାଗୁଛି । ଖରାପ ରାସ୍ତା ପାଇଁ ଗାଡିଗୁଡିକର ଶୀଘ୍ର ମରାମତି କାମ ମାଗୁଥିବା ବେଳେ ବିଭିନ୍ନ ସମୟରେ ଗାଡିର ଯନ୍ତ୍ରପାତି ଭାଙ୍ଗିରୁଜି ଯାଉଥିବା ପଣ୍ଡା କହିଛନ୍ତି। ଏଥିସହ ଅନ୍ୟଜଣେ ଯାତ୍ରୀ ସୁବ୍ରତ ପଟ୍ଟନାୟକ ମଧ୍ୟ ସମାନ ମତ ଦେଇଛନ୍ତି। ଏନେଇ ଜାତୀୟ ରାଜପଥ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସମର୍ଜିନୀ ସେଠୀଙ୍କୁ ପଚାରିବାରୁ ସେ କହିଲେ, ପ୍ରତ୍ୟେକ ବର୍ଷା ବେଳେ ଗାତଗୁଡିକରେ ଡବ୍ଲ୍ୟୁଏମ୍ଏମ୍ (ଚିପ୍ସ୍, ପଥରଗୁଣ୍ଡ) ପକା ହେଉଛି। ଏହାଛଡା ରାସ୍ତା କାମ ପାଇଁ ଟେଣ୍ଡର ସରିଛି। ଏଜେନ୍ସି ମଧ୍ୟ ଚୟନ ସରିଯାଇଛି। ବର୍ଷା କମିବା ପରେ କାମ ଆରମ୍ଭ ହୋଇଯିବ ବୋଲି ସେ କହିଛନ୍ତି।

# ପଟ୍ଟା କରିଦେବାକୁ କହି ଭଉଣୀଙ୍କୁ ଠକିଦେଲେ ଭାଇ

ସେମିଳିଗୁଡା/ସୁନାବେଡା,୨୮।୭
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ଦୁନିଆଁରେ ସମ୍ପର୍କର ମୂଲ୍ୟ କିଛି ନାହିଁ। ସ୍ୱାର୍ଥ ପାଇଁ ମଣିଷ ଯାହା କିଛି କରିବାକୁ ପଛେଇଯାଏ ନାହିଁ। ବିପଦ ବେଳେ


ପେଟ୍ରୋଲ ପମ୍ପ ନିକଟରେ ଛିଡା ହୋଇଛନ୍ତି ଶୁଭଲତା।

ସହାୟତା କରିବା ବଦଳରେ ସବୁବେଳେ ଫାଇଦା ଉଠାଇବାକୁ ଚାହିଁବସିଥାଏ। ଏପରି ଏକ ଘଟଣା କୋରାପୁଟ ଜିଲା ସେମିଳିଗୁଡା ଅଞ୍ଚଳରେ ଘଟିଛି। ସ୍ୱାର୍ଥପୂରଣ ଲାଗି ଅସହାୟ ଭଉଣୀଙ୍କୁ ଠକି ଦେଇଛନ୍ତି ଭାଇ। ହୋଇଥିବା ଅଭିଯୋଗ ମୁତାବକ, ଶୁଭଲତା ସ୍ୱାଇଁ (୭୨) ଗତ କିଛିବର୍ଷ ହେବ କୌଣସି କାରଣରୁ ନିଜ ଭାଇ ଉମା ଚରଣ ବାରିକଙ୍କ ଘରେ ରହୁଥିଲେ। ଶୁଭଲତାଙ୍କ ନାଁରେ ଥିବା କିଛି ଜମିର ପଟ୍ଟା କରାଇଦେବାକୁ କହି ଉମାଚରଣ କାଗଜପତ୍ରରେ ଭଉଣୀ ଶୁଭଲତାଙ୍କ ଦସ୍ତଖତ ନେଇଥିଲେ। ପରେ ସେହି କାଗଜପତ୍ରକୁ ମାଧ୍ୟମ କରି ସେ ଉକ୍ତ ଜମିକୁ ନିଜ ନାମରେ କରିନେଇଥିବା ଖବରଦାତା ସମ୍ମିଳନୀରେ ରବିବାର ଅଭିଯୋଗ କରିଛନ୍ତି ଶୁଭଲତା। ଶୁଭଲତା ଏବେ ଅନ୍ୟ ଜଣଙ୍କ ଘରେ ରହୁଛନ୍ତି। ସୂଚନାଯୋଗ୍ୟ, ଉମାଚରଣ ଜଣେ ପୂର୍ବତନ ପୋଲିସ ଅଧିକାରୀ। ତାଙ୍କର ସେମିଳିଗୁଡା ଅଞ୍ଚଳରେ ଏକ ପେଟ୍ରୋଲ ପମ୍ପ୍ ରହିଛି। ସେ ଜଣେ ମୁଷ୍ଟିମେୟ ବ୍ୟକ୍ତି ହୋଇଥିବାରୁ ବିଭିନ୍ନ ମାଧ୍ୟମରେ ତାଙ୍କୁ ହଇରାଣ କରୁଛନ୍ତି ବୋଲି କହିଛନ୍ତି ଶୁଭଲତା। ଅଭିଯୋଗ ସମ୍ପର୍କରେ ଉମାଚରଣଙ୍କୁ ପଚାରିବାରୁ ସେ ସମସ୍ତ ଅଭିଯୋଗକୁ ଖଣ୍ଡନ କରି ଏସବୁ ଭିତ୍ତିହୀନ ବୋଲି କହିଛନ୍ତି। ଅନ୍ୟପକ୍ଷରେ ସେ ଜମି ଉମାଚରଣଙ୍କୁ ଉପହାର ଆକାରରେ ଦେଇଥିଲେ। ତଥାପି ତାଙ୍କ ଓକିଲଙ୍କ ସହ ପରାମର୍ଶ କରି ସବୁ ଦସ୍ତାବିଜ ଶୁଭଲତାଙ୍କୁ ଫେରାଇ ଦେବେ ବୋଲି ଉମାଚରଣ କହିଛନ୍ତି।

# କୋରାପୁଟ ମଣ୍ଡଳ କାରାଗାରରେ ସ୍ୱାସ୍ଥ୍ୟସେବା ଶିବିର


ସ୍ୱାସ୍ଥ୍ୟସେବା ଶିବିରରେ ଚିକିତ୍ସା ପାଇଁ ରୋଗୀଙ୍କ ଲମ୍ବା ଧାଡି ।

କୋରାପୁଟ,୨୮।୭
(ଅମିତାଭ ବେହେରା)

କୋରାପୁଟ ମଣ୍ଡଳ କାରାଗାର ପରିସରରେ ରବିବାର ଏକ ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ କାରାଧକ୍ଷ କୁଅଁର ମାର୍ଣ୍ଡିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଶିବିରରେ ଈଶ୍ୱର ମୂର୍ତ୍ତି , ଶ୍ରୀଜା କୈଳାସ, ଏବଂ ମଣ୍ଡଳ କାରାଗାରର ଏସ, ଦତ୍ତ ପ୍ରମୁଖ ଉପସ୍ଥିତ ରହି କାରାଗାରରେ ରହୁଥିବା ୮ ଶହରୁ ଊର୍ଦ୍ଧ୍ୱ ଅନ୍ତେବାସୀ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଥିଲେ। ଫାର୍ମାସିଷ୍ଟ ଆରକେ ଦାସ ସହଯୋଗ କରିଥିଲେ। କାରାପାଳ ଏଲବି ଦାସ ଶିବିର ପରିଚାଳନା କରିଥିଲେ।

# ମହିଳାଙ୍କ ବିଷପିଇ ଆତ୍ମହତ୍ୟା ସନ୍ଦେହ

ଦଶମନ୍ତପୁର, ୨୮।୭ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲା ପଞ୍ଚାୟତ ଅଞ୍ଚଳର ଜଣେ ବିବାହିତା ମହିଳା କୌଣସି କାରଣରୁ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରୁଥିବା ଜଣାପଡିଛି। ରବିବାର ଅପରାହ୍ନରେ ମହିଳାଙ୍କ ସ୍ୱାମୀ ତାଙ୍କୁ ଗୁରୁତର ଅବସ୍ଥାରେ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ମହିଳା ଜଣକ ବିଷ ପିଇଥିବା ସନ୍ଦେହ କରି ଥାନାକୁ ସୂଚନା ଦେଇଥିଲେ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ କେଉଁ କାରଣରୁ ମହିଳା ଜଣକ ଆତ୍ମହତ୍ୟା ଉଦ୍ୟମ କରୁଥିଲେ ତାହା ସ୍ପଷ୍ଟ ହୋଇନାହିଁ।

# ସରପଞ୍ଚଙ୍କ ଉପସ୍ଥିତିରେ ନାଳନର୍ଦ୍ଦମା ସଫା


ସରପଞ୍ଚଙ୍କ ଉପସ୍ଥିତିରେ ଆବର୍ଜନା ସଫା କରାଯାଉଛି ।

ମାଲକାନଗିରି, ୨୮।୭
(ଦୁର୍ଯ୍ୟୋଧନ ପାତ୍ର)

ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲୀ ସଦର ପଞ୍ଚାୟତ ନାଳ ନର୍ଦ୍ଦମାଗୁଡିକୁ ସରପଞ୍ଚଙ୍କ ଉପସ୍ଥିତିରେ ରବିବାର ସଫା କରାଯାଇଛି। ଦୀର୍ଘ ବର୍ଷ ଧରି ଗୋବିନ୍ଦପାଲ୍ଲୀରେ କୌଣସି ନାଳ ନର୍ଦ୍ଦମା ସଫା ହୋଇ ନ ଥିବାରୁ ଏ ଗୁଡିକ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ରହିଥିଲା। ଫଳରେ ପଞ୍ଚାୟତର ଅଳିଆ, ଦୂଷିତ ପାଣି, ବର୍ଷା ଜଳ ଇତ୍ୟାଦି ନିଷ୍କାସନ ହେବାରେ ଅସୁବିଧା ହେଉଥିବାରୁ ଏହି ଦୂଷିତ ଜଳ ଓ ଅଳିଆଗୁଡିକ ବର୍ଷା ସମୟରେ ମୁଖ୍ୟ ରାସ୍ତାରେ ଜମା ହୋଇ ରହୁଥିଲା। ଏହାକୁ ଦୃଷ୍ଟିରେ ରଖି ଗୋବିନ୍ଦପାଲ୍ଲୀ ସରପଞ୍ଚ ସୁମନ ମୁଦୁଲି ନିଜ ଉଦ୍ୟମରେ ମାଲକାନଗିରିରୁ ଶ୍ରମିକମାନଙ୍କୁ ଡକାଇ ନାଳଗୁଡିକୁ ସଫା କରିଥିଲେ। ଆଗାମୀ ଦିନରେ ପ୍ରତ୍ୟେକ ସାହିର ଡଷ୍ଟବିନ ରହିବ ଏବଂ ଗ୍ରାମବାସୀ ଏଣେତେଣେ ଅଳିଆ ନ ଫିଙ୍ଗି ଡଷ୍ଟବିନରେ ଗଦା କରିବା ପାଇଁ କହିଥିଲେ । ଏହି ଅଳିଆଗୁଡିକୁ ବ୍ୟାଟେରୀ ଚାଳିତ ଗାଡିରେ ନେଇ ବାହାରେ ଫିଙ୍ଗାଯିବ ବୋଲି କହିଥିଲେ ।

## ମଦ ଚାଲାଣ, ୨ଗିରଫ

ଜୟପୁର, ୨୮।୭ (ପବନ ପାଣିଗ୍ରାହୀ)

ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ଥାନା ପୋଲିସ ରବିବାର ଚଢାଉ କରି ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ବଦଲିଗୁଡା ଗ୍ରାମର ଡମ୍ବୁଣି ଗାଦବା ଓ ମାହାଲିଆପୁଟ ଗ୍ରାମର ଧନୁର୍ଜୟ ରଣା। ସେମାନଙ୍କଠାରୁ ୧୭ ଲିଟର ଦେଶୀ ମଦ ଜବତ ହୋଇଥିବା ଓଆଇସି ନିଳାଦ୍ରି ବାହାରୀ ମିଶ୍ର କହିଛନ୍ତି ।

## ନାବାଳିକା ନିଖୋଜ ନେଇ ଅଭିଯୋଗ

ଜୟପୁର, ୨୮।୭ (ପବନ ପାଣିଗ୍ରାହୀ)

ଜଣେ ନାବାଳିକା ନିଖୋଜ ଥିବା ନେଇ ରବିବାର ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଛି। ଶନିବାର ନାବାଳିକା ଜଣକ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ତାଙ୍କୁ ନ ପାଇବାରୁ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଲଗାଣ ବର୍ଷାରେ ଘର ଭାଙ୍ଗିଲା

ଜୟପୁର, ୨୮।୭ (ପବନ ପାଣିଗ୍ରାହୀ)

ଲଘୁଚାପଜନିତ ଲଗାଣ ବର୍ଷାରେ ଗତ ୨୪ ଘଣ୍ଟା ଭିତରେ ଜୟପୁର ତହସିଲ ଅଞ୍ଚଳରେ ଗୋଟିଏ ଘର ଭାଙ୍ଗିଛି । କୁମୁଲିପୁଟ ସର୍କଲ ଗଣ୍ଡଗୁଡା ଗ୍ରାମର ପଦ୍ମିନୀ ଭୁମିଆଙ୍କ ଘର ଭାଙ୍ଗିଥିବା ଜଣାପଡିଛି।

# ଲଗାଣ ବର୍ଷା: ପରିବା ଦର ବୃଦ୍ଧି, ଚିନ୍ତାରେ ଖାଉଟି


ଚିତ୍ରକୋଣ୍ଡା ସାପ୍ତାହିକ ହାଟ ।

ଚିତ୍ରକୋଣ୍ଡା, ୨୮।୭(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ୧୮ ପଞ୍ଚାୟତ ଅଞ୍ଚଳରେ ଦୀର୍ଘ ୧୫ ଦିନ ହେବ ଲଘୁଚାପଜନିତ ଲଗାଣ ବର୍ଷା ଲାଗି ରହିଛି। ଫଳରେ ବିଭିନ୍ନ ସ୍ଥାନରେ ଲାଗିଥିବା ପନିପରିବା ନଷ୍ଟ ହୋଇଯିବାରୁ ଦର ବଢ଼ିବାରେ ଲାଗିଛି। ଫଳରେ ସାଧାରଣ ଲୋକଙ୍କ ପକ୍ଷେ ପରିବା ଖାଇବା କଷ୍ଟକର ହୋଇପଡିଛି। ୧୮ ପଞ୍ଚାୟତରେ ସପ୍ତାହକୁ ଥରେ ଲେଖାଏ ସାପ୍ତାହିକ ହାଟ ବସେ । ରବିବାର ମଧ୍ୟ ଚିତ୍ରକୋଣ୍ଡାରେ ସପ୍ତାହକୁ ଥରେ ସାପ୍ତାହିକ ହାଟ ବସେ । ଟମାଟୋ କେଜି ପ୍ରତି ୬୦ ଟଙ୍କା ଥିବାବେଳେ ଫୁଲକୋବି ୮୦, କାଙ୍କଡ଼ ୧୦୦, ସଜନା ଛୁଇଁ ୧୨୦, ଭେଣ୍ଡି ୬୦, ପୋଟଳ ୬୦, ବାଇଗଣ ୫୦, ସାରୁ ଷାଠିଏ, କଞ୍ଚା କଦଳୀ କେଜି ପଚାଶ, କଖାରୁ କେଜି ୪୦, କାକୁଡି କେଜି ୫୦, ବନ୍ଧାକୋବି ୬୦, ଝୁଡୁଙ୍ଗ ୮୦, ବିନସ୍ ୮୦, କଞ୍ଚାଲଙ୍କା କେଜି ଦୁଇଶହ,ଆଳୁ କେଜି ୪୦, ପିଆଜ କେଜି ୪୦ ଓ ଅଦା କେଜି ଦୁଇ ଶହ ଟଙ୍କା ରହିଛି। ଏଇଭଳି ପନିପରିବା ଦର ବୃଦ୍ଧି ଜନସାଧାରଣଙ୍କ ପେଟକୁ ନାତ ମାରିଛି । ଜିଲା ଉଦ୍ୟାନ କୃଷି ବିଭାଗ ଯଦି ସ୍ୱାଭିମାନ ଅଞ୍ଚଳକୁ ଗୁରୁତ୍ୱ ଦେଇ ପରିବା ଚାଷ ପ୍ରତି ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇ ପଦକ୍ଷେପ ନିଅନ୍ତେ ଅଞ୍ଚଳରେ ପରିବା ଚାଷୀ ଓ ଚାଷ ବଢ଼ି ପାରନ୍ତା ।

# ଚିତ୍ରକୋଣ୍ଡା ବ୍ଲକ୍‌କୁ ସ୍ଥାନାନ୍ତର ହେଉ ସମସ୍ତ ବିଭାଗୀୟ କାର୍ଯ୍ୟାଳୟ

ଚିତ୍ରକୋଣ୍ଡା,୨୮।୭(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ୍ ବିଚ୍ଛିନ୍ନାଞ୍ଚଳ ତଥା ସ୍ୱାଭିମାନ ଅଞ୍ଚଳ ୧୮ ପଞ୍ଚାୟତର ବିକାଶକୁ ଦୃଷ୍ଟିରେ ରଖି ସରକାର ୫ ବର୍ଷ ହେଲା ଚିତ୍ରକୋଣ୍ଡାରେ ବ୍ଲକ୍ ସ୍ଥାପନ କରିଥିଲେ। ବ୍ଲକ୍ ଆସିଲା, କିନ୍ତୁ ପଞ୍ଚାୟତିରାଜ ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ଆବାସ ଯୋଜନା,ଖାଦ୍ୟ ଯୋଗାଣ ବିଭାଗ, ଓଡ଼ିଶା ଜୀବିକା ମିଶନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପରିମଳ ବିଭାଗ ଏବଂ ଆଇସିଡିଏସ୍‌କୁ ଛାଡ଼ିଦେଲେ ବହୁ ବିଭାଗ ଚିତ୍ରକୋଣ୍ଡାକୁ ଆସିପାରିଲା ନାହିଁ। ଚିତ୍ରକୋଣ୍ଡା ବ୍ଲକ୍‌ର ଜନସାଧାରଣ ବାଧହୋଇ କୁଡୁମୁଲୁଗୁମା, କୋରୁକୋଣ୍ଡା ଏବଂ କାଲିମେଲା ଉପରେ ନିର୍ଭର କରୁଛନ୍ତି। ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସହ ନଥିପତ୍ର ସ୍ଥାନାନ୍ତର ହୋଇନାହିଁ। ସେହିପରି ଆର୍‌ଡବ୍ଲ୍ୟୁଏସ୍‌ଏସ, ପ୍ରାଣୀ ଚିକିତ୍ସା ଓ ଲ୍ୟାମ୍ପସ୍ କାର୍ଯ୍ୟାଳୟ ଆସିନାହିଁ।

### ବ୍ଲକ୍ ଅଧ୍ୟକ୍ଷାଙ୍କ ଦାବି

ସେହିପରି ୱାଟରସେଡ୍, ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ ଆସି ନ ଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଉପଖଣ୍ଡ ଚିକିତ୍ସାଳୟ ମାନ୍ୟତା ପାଇ ଘୋଷଣାହେଲା ସତ, କିନ୍ତୁ ସ୍ୱାସ୍ଥ୍ୟ ବିଭାଗରୁ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ଆଜି ସୁଦ୍ଧା ଦାୟିତ୍ୱ ମିଳିନି। ଜିଲା ପ୍ରଶାସନ ଚିତ୍ରକୋଣ୍ଡା ଅଞ୍ଚଳର ବିକାଶ ତଥା ଆସି ନ ଥିବା ବିଭାଗ ଏବଂ ଦାୟିତ୍ୱ ହସ୍ତାନ୍ତର ସମସ୍ୟାକୁ ଦୃଷ୍ଟିରେ ରଖି ଉକ୍ତ କାର୍ଯ୍ୟାଳୟଗୁଡ଼ିକୁ ତୁରନ୍ତ ସ୍ଥାନାନ୍ତର କରିବାକୁ ବ୍ଲକ୍ ଅଧ୍ୟକ୍ଷା ସୁଶ୍ରୀ ରାଜେଶ୍ୱରୀ ଖିଲ ଓ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳବାସୀ ଦାବି କରିଛନ୍ତି।

ଏ ପରିସ୍ଥିତିରେ ସ୍ଥାନୀୟ ଲୋକେ ଉକ୍ତ କାର୍ଯ୍ୟାଳୟରେ କାମ ପଡିଲେ କୁଡୁମୁଲୁଗୁମା, କାଲିମେଲା ଓ କୋରୁକୋଣ୍ଡାକୁ ଯାଇ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଚିତ୍ରକୋଣ୍ଡା ବ୍ଲକ୍‌ର ୧୮ ପଞ୍ଚାୟତ ସମେତ ଆନ୍ଧ୍ରର କେତେକ ଅଞ୍ଚଳ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ଉପରେ ନିର୍ଭରଶୀଳ। କିନ୍ତୁ ସ୍ୱାସ୍ଥ୍ୟ ସମସ୍ୟା କଥା ଉଠିଲେ ଉପଖଣ୍ଡ ଚିକିତ୍ସାଳୟରେ ନା ଆଜି ସୁଦ୍ଧା ଅଛନ୍ତି ଜଣେ ବିଶେଷଜ୍ଞ, ସ୍ତ୍ରୀରୋଗ ପ୍ରସୂତି ବିଭାଗ ଡାକ୍ତର। କେବଳ ଉପଖଣ୍ଡ ଚିକିତ୍ସାଳୟ କର୍ମଚାରୀଙ୍କୁ ଛାଡ଼ିଦେଲେ ଆଶା, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ଏଲ୍‌ଏଚ୍‌ଭିମାନେ ମାସିକ ବେତନ ପାଇଁ କୋରୁକୋଣ୍ଡା, କୁଡୁମୁଲୁଗୁମ୍ମା ଓ କାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି । ମାସିକ ସମୀକ୍ଷା ବୈଠକ ମଧ୍ୟ ସେମାନଙ୍କ କାର୍ଯ୍ୟାଳୟରେ ହେଉଛି । ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଉଥିବା କ୍ଷେତ୍ର କର୍ମଚାରୀମାନଙ୍କୁ କାର୍ଯ୍ୟର ତଦାରଖ, ସମୀକ୍ଷା ଓ ପରିଦର୍ଶନ କରିବାକୁ ହୋଇଥାଏ । ସ୍ଥାନାନ୍ତର ହୋଇ ନ ଥିବା ବିଭାଗଗୁଡ଼ିକୁ ତୁରନ୍ତ ଚିତ୍ରକୋଣ୍ଡାକୁ ଆଣିବାକୁ ସାଧାରଣରେ ଦାବି ହେଉଛି।

# ଶହୀଦ ତାମ୍ମା ଦୋରାଙ୍କ ୧୪୪ତମ ଶହୀଦ ଦିବସ

ପଡ଼ିଆ,୨୮।୭(ଭାସ୍କର ରାଓ )

ଶହୀଦ ତାମ୍ମା ଦୋରାଙ୍କ ୧୪୪ତମ ଶହୀଦ ଦିବସ ରବିବାର ପାଳିତ ହୋଇଯାଇଛି। ପଡିଆ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ତାମ୍ମା ଦୋରାଙ୍କ ପ୍ରତିମୂର୍ତ୍ତି ନିକଟରେ ଶହୀଦ ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଗଙ୍ଗା କାରାମ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ରାମେଶ୍ୱର ପ୍ରଧାନ,ବରିଷ୍ଠ ସାମାଜିକ କର୍ମୀ ଏନ୍. ରାଘବ ରାଓ, ସାମାଜିକ କର୍ମୀ ଏମ୍‌ଡି ଫାରୁକ, ନାକା ନୁକାଲ ରାଜୁ, କେ. ଦେବେନ୍ଦ୍ର ରାଓ, ପୂର୍ବତନ ବିଧାୟକ ପ୍ରତିନିଧି କୋଟମ ବାଲାୟା, ଶଙ୍କର ସତ୍ୟ ନାରାୟଣ ଏବଂ ଅଧ୍ୟାପିକା ଅଧ୍ୟାପକଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି


ତାମ୍ମା ଦୋରାଙ୍କ ପ୍ରତିମୂର୍ତ୍ତି ନିକଟରେ ଅତିଥି ଓ ଛାତ୍ରୀଛାତ୍ର ।

ଅବସରରେ ଶହୀଦ ତାମ୍ମା ଦୋରାଙ୍କ ବଳିଦାନ ବିଷୟରେ ଆଲୋଚନା କରାଯାଇଥିଲା। ୧୪୪ବର୍ଷ ବିତି ଯାଇଥିଲେ ସୁଦ୍ଧା ଆଜି ଇତିହାସରେ ହଜି ଯାଇଛନ୍ତି ତାମ୍ମା ଦୋରା। ତାଙ୍କର ବଳିଦାନ କିପରି ପୁନରୁଦ୍ଧାର ହୋଇ ପ୍ରଚାର ପ୍ରସାର ହୋଇପାରିବ ଏଥିପ୍ରତି ସମସ୍ତେ ସଜାଗ ହେବାର ଆବଶ୍ୟକତା ରହିଛି। ବିଦ୍ୟାଳୟ ଅଧ୍ୟକ୍ଷ ମହାପାତ୍ର ଯିଏ କି ଶହୀଦ ତାମ୍ମା ଦୋରାଙ୍କ ଇତିହାସ ରଚନା କରିଥିଲେ । ଫଳରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇପାରିଛି ।

# ଶିକ୍ଷକଙ୍କ ସମସ୍ୟା ଉପରେ ମନ୍ତ୍ରୀଙ୍କ ସହ ଆଲୋଚନା ନେଇ ନିଷ୍ପତ୍ତି

ନବରଙ୍ଗପୁର,୨୮।୭(ସଦାଶିବ ପ୍ରହରାଜ)


ବୈଠକରେ ଯୋଗ ଦେଇଥିବା ସଂଘର କର୍ମକର୍ତ୍ତା।

ଉମରକୋଟସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ପକ୍ଷରୁ ସଭାପତି ହୃଷୀକେଶ ସାହୁଙ୍କ ସଭାପତିତ୍ୱରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ତଥା ଜିଲା ପ୍ରଶାସନ ତରଫରୁ ପ୍ରତ୍ୟେକ ଦିନ ଚିଠିର ଆଦାନ ପ୍ରଦାନ, ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ପରିବେଶ ଏବଂ ଅନେକ ସମୟରେ ସରକାରଙ୍କ ଆଦେଶ ପ୍ରକାରେ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଆଦି ପ୍ରଦାନ କରୁଥିବା ଯୋଗୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ପିଲାଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ତେଣୁ ସମସ୍ତ ବିଦ୍ୟାଳୟକୁ ତୁରନ୍ତ କିରାଣି ଯୋଗାଇ ଦେବାକୁ ଜିଲା ପ୍ରଶାସନକୁ ଅନୁରୋଧ କରିବା ନିମନ୍ତେ ଆଲୋଚନା ହୋଇଥିଲା । ସେହିପରି ବର୍ତ୍ତମାନ ଯେଉଁ ବିଦ୍ୟାଳୟର କିରାଣିମାନଙ୍କୁ ଜିଲାର ଅନ୍ୟ କାର୍ଯ୍ୟାଳୟକୁ ଡେପୁଟେଶନରେ ସ୍ଥାନାନ୍ତରିତ କରାଯାଇଛି ସେମାନଙ୍କୁ ତୁରନ୍ତ ଫେରେଇ ଦେବା ନିମନ୍ତେ ଦାବି କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଗତ ମାର୍ଚ୍ଚଠାରୁ ଗେଷ୍ଟ ଅଧ୍ୟାପକ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଠିକ ସମୟରେ ଦରମା ପ୍ରଦାନ ହେଉ ନ ଥିବାରୁ ସଭାରେ ଉଦ୍‌ବେଗ ପ୍ରକାଶ କରିଥିଲେ।

ସେହିପରି ବିଦ୍ୟାଳୟରେ କାର୍ଯ୍ୟରତ ଗେଷ୍ଟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ ଦରମା ଠିକ ସମୟରେ ପ୍ରଦାନ କରା ଯାଉ ନ ଥିବାରୁ ଅନେକ ଶିକ୍ଷକ ବିଭିନ୍ନ କାରଣ ଦର୍ଶାଇ ଇତିମଧ୍ୟରେ ଚାକିରିରୁ ଇସ୍ତଫା ପ୍ରଦାନ କରିସାରିଛନ୍ତି । ଏପରି ଜାରି ରହିଲେ ନବରଙ୍ଗପୁର ଭଳି ଆଦିବାସୀ ଅଧ୍ୟୁଷିତ ଜିଲାରେ ଛାତ୍ରୀଛାତ୍ର ଶିକ୍ଷାରୁ ବଞ୍ଚିତ ହେବେ ବୋଲି ଉପସ୍ଥିତ ସଭ୍ୟମାନେ ଆଶଙ୍କା ପ୍ରକାଶ କରିଥିଲେ। ଜିଲା ପ୍ରଶାସନ ତଥା ଜିଲା ମଙ୍ଗଳ ଅଧିକାରୀଙ୍କ ସହ ଆଲୋଚନା ମାଧ୍ୟମରେ ଏ ସମସ୍ୟାର ସମାଧାନ କରିବା ନିମନ୍ତେ ସଭାରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଗଲା। ଏଥିସମେତ ଶିକ୍ଷକଙ୍କ ଆଇଟି ରିଟର୍ନ, ନିର୍ଦ୍ଦିଷ୍ଟ ସମୟରେ ପ୍ରମୋଶନ ଏବଂ ତୁରନ୍ତ ଏମ୍‌ଏସିପି ଲାଗୁ ନିମନ୍ତେ ଡିପିସି ବୈଠକ, ଗେଷ୍ଟ ଅଧ୍ୟାପକ ଏବଂ ଶିକ୍ଷକଙ୍କ ଦରମାର ଅସଙ୍ଗତି ସମ୍ବନ୍ଧରେ ଜିଲା ମଙ୍ଗଳ ଅଧିକାରୀଙ୍କ ସହ ଆଲୋଚନା କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା। ଜିଲାରୁ ଶିକ୍ଷା ମନ୍ତ୍ରୀ ହୋଇଥିବା ନିତ୍ୟାନନ୍ଦ ଗଣ୍ଡଙ୍କୁ ସମ୍ବର୍ଦ୍ଧିତ କରିବା ସହ ସଂଘ ପକ୍ଷରୁ ଏକ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲାର ଅବସରପ୍ରାପ୍ତ ଶିକ୍ଷକଙ୍କୁ ମନ୍ତ୍ରୀଙ୍କ କରକମଳରେ ସମ୍ବର୍ଦ୍ଧନା ଦେବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା।

ଉକ୍ତ ବୈଠକରେ ସଂଘର କାର୍ଯ୍ୟକାରୀ ସଭାପତି ଫ୍ରନ୍ସିସ ନାଗ, ଉପସଭାପତି ବିଶ୍ୱଜିତ ମହାରଣା, ହର ପ୍ରସାଦ ମିଶ୍ର,

### ନବରଙ୍ଗପୁର ଶିକ୍ଷକ, ଶିକ୍ଷା ନିରୀକ୍ଷକ ସଂଘର ବୈଠକ

ସମ୍ପାଦକ ସଞ୍ଜୀବ ପଣ୍ଡା, ସହ ସମ୍ପାଦକ ସତ୍ୟ ନାରାୟଣ ପାତ୍ର, କୋଷାଧ୍ୟକ୍ଷ ଶୁଭେନ୍ଦୁ ବେହେରା, ଉପଦେଷ୍ଟା ସାଧୁରମ ଭତରା, ଅସିତ କୁମାର ମହାନ୍ତି, ମହିଳା ପ୍ରତିନିଧି ସୁଚିତ୍ରା ବ୍ରହ୍ମା ଏବଂ ନିମନ୍ତ୍ରିତ ଅତିଥି ଭାବରେ ରାଜ୍ୟ ସଂଘର ସହ ସମ୍ପାଦକ ରଞ୍ଜନ କୁମାର ବେହେରା, କୋଷାଧ୍ୟକ୍ଷ କାଳି କିଙ୍କର ପଟ୍ଟନାୟକ ଏବଂ ଜିଲା ପ୍ରତିନିଧି ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ମିଡ଼ିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରୋଜ କୁମାର ପାଣି, ପ୍ରତାପ କୁମାର ନନ୍ଦ, ସ୍ୱାଧୀନ କୁମାର ଦାସ, ରାମ ଚନ୍ଦ୍ର ପରିଡା, ଆଦିତ୍ୟ କୁମାର ସାହୁ, ଭବାନୀ ପାତ୍ର, ଅରୁଣ କୁମାର ଷଡଙ୍ଗୀ, ସନ୍ତୋଷ କୁମାର ଦାସ, ମୀନକେତନ ବେହେରା, ଦୀପାଂଶ ଶେଖର କୁଞ୍ଜ, ଅନୁଶ୍ରୀ ଗୋଲଦାର ପ୍ରମୁଖ ଉପସ୍ଥିତ ଥିଲେ।

# କାମ ନ ପାଇ ହାଇଦ୍ରାବାଦରୁ ଚାଲି ଚାଲି ଆସିଲେ ଶ୍ରମିକ

ପାପଡାହାଣ୍ଡି,୨୮।୭ (ସ୍ୱପ୍ନଜିତ ପଟ୍ଟନାୟକ)

ପରିବାରର ଗୁଜୁରାଣ ମେଣ୍ଟାଇବାକୁ ବୃଦ୍ଧ ବୟସରେ ବାହାର ରାଜ୍ୟକୁ ଯାଇଥିଲେ କାମ କରିବାକୁ । ହେଲେ ବୟସ ଅଧିକ ହେତୁ କାମ ନ ଦେଇ ଫେରାଇ ଦେଲେ ମାଲିକ। ଶେଷରେ ବୃଦ୍ଧ ଜଣକ ନିରାଶ ହୋଇ ଅର୍ଥ ଅଭାବରୁ ଚାଲି ଚାଲି ଘରକୁ ଫେରିଲେ। ଏଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଡୁମରବେଢ଼ା ଗ୍ରାମରେ।

ଡୁମରବେଢ଼ାର ୬୫ ବର୍ଷୀୟ ବୃଦ୍ଧ ସୋନୁ ଭତରା ୧୭ଦିନ ତଳେ ଘୋଡାଧନୁଆ ଗ୍ରାମର ହନୁ ଭତରା ତାଙ୍କୁ କାମ ଯୋଗାଇବା ପାଇଁ ହାଇଦ୍ରାବାଦ ନେଇଥିଲେ। ସେଠାରେ ଘର ନିର୍ମାଣ କାମରେ ତାଙ୍କୁ ନିୟୋଜିତ କରାଯାଇଥାନ୍ତା। କିନ୍ତୁ ବୟସ ଅଧିକ ହେତୁ ମାଲିକ କାମ କରାଇବାକୁ ମନା କରିବା ସହ ହାତରେ ୨୦୦ ଟଙ୍କା ଧରାଇ ଫେରାଇଦେଲେ। ସୋନୁ ନିରୁପାୟ ହୋଇ ଚାଲି ଚାଲି ହାଇଦ୍ରାବାଦରୁ ବାହାରିଥିଲେ। ରାତିରେ ରାସ୍ତା କଡ଼ ଦୋକାନରେ ଶୋଇବା ସହ ଦିନରେ କୋଉଠି ପାଣି ପିଇ ହାତରେ ଭଙ୍ଗା ଛତା ଧରି ବାହାରିଥିଲେ। ରବିବାର ନିଜ ସମ୍ପର୍କୀୟ ଘର ବାଗ୍ମାଗୁଡା ଯିବା ସମୟରେ ମାଳତୀଗୁଡା ଗ୍ରାମବାସୀଙ୍କ ନଜରରେ ପଡ଼ିଥିଲେ । ଗ୍ରାମବାସୀ ତାଙ୍କୁ ଖାଇବାକୁ ଦେଇଥିଲେ । ମାତ୍ରାଧିକ ଚାଲିବା ଓ ନ ଖାଇ ନ ପିଇ ବୃଦ୍ଧ ଜଣକ ଅସୁସ୍ଥ ହୋଇପଡିଛନ୍ତି। ସାମାଜିକ କର୍ମୀ ବବଲୁ ଖାନ୍ ବୃଦ୍ଧଙ୍କ ଠିକଣା ପଚାରିବା ସହ ପୋଲିସକୁ ଜଣାଇଥିଲେ। ସ୍ଥାନୀୟ ପୋଲିସ ବୃଦ୍ଧଙ୍କୁ ଉଦ୍ଧାର କରି ତାଙ୍କ ସମ୍ପର୍କୀୟଙ୍କ ବାଗ୍ମାଗୁଡା ଗ୍ରାମରେ ଛାଡି ଦେଇଥିବା ଜଣାପଡ଼ିଛି। ତେବେ କୁଲି କାମ କରାଇବାକୁ ନେଇ ତାଙ୍କୁ ହଇରାଣ କରାଯାଇଥିବାରୁ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି ।

### ଗ୍ରାମବାସୀ କଲେ ସହାୟତା


ସନୁ ଭତରା

# ବିଶ୍ୱ ଆଦିବାସୀ ଦିବସ ପାଳନ ପ୍ରସ୍ତୁତି


ବୈଠକରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

ଉମରକୋଟ,୨୮।୭(ସନ୍ତୋଷ ଶତପଥୀ)

ଜିଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯିବା ନେଇ ଏକ ପ୍ରସ୍ତୁତି ବୈଠକ ଉମରକୋଟ ବ୍ଲକ ଜନ ଜାତି ସୁରକ୍ଷା ମଞ୍ଚ ପକ୍ଷରୁ ଗଣ୍ଡ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉମରକୋଟଠାରେ ଆସନ୍ତା ଅଗଷ୍ଟ ୯ ତାରିଖରେ ମହା ସମାରୋହରେ ପାଳନ କରାଯିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ଉମରକୋଟ ବ୍ଲକର ଜନଜାତି ସୁରକ୍ଷା ମଞ୍ଚର ସଭାପତି କ୍ଷୀରୋଦ କୁମାର ମାଝୀ ସଭାପତିତ୍ୱ କରିଥିଲେ। ବୈଠକରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଓଡିଶା, ଦକ୍ଷିଣ ଓଡିଶା ଆଦିବାସୀ ସଂଘ ସଭାପତି ଅର୍ଜ୍ଜୁନ ଭତ୍ରା , ସଭାପତି ଗୋପୀନାଥ ମାଝୀ, ସମ୍ପାଦକ ଲଛମନ ମାଝୀ, ସଂଯୋଜକ ରାଜମନ ଭତ୍ରା, ଦଶରଥ ଗଣ୍ଡ, ବୀରସିଂ ମାଝୀ, ଭତ୍ରା ସମାଜ ସଭାପତି ଡମ୍ବରୁଧର ପୂଜାରୀ, ଗଣ୍ଡ ସମାଜ ସଭାପତି ସନ୍ତୋଷ ମାଝୀ, ଯାନୀ ସମାଜ ସଭାପତି ମାନସିଂ ଯାନୀ, ରାଜ ଗଣ୍ଡ, ସଭାପତି ଶଙ୍କର ରାଜ ଗଣ୍ଡ ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଉପଦେଷ୍ଟା ପ୍ରତାପ ଚନ୍ଦ୍ର ନାୟକ, ଭୋଜନାଥ ଗଣ୍ଡ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଶ୍ରୀଅନ୍ନ କେନ୍ଦ୍ରରେ ଖାଦ୍ୟର ମାନ ଯାଞ୍ଚ କଲେ ବିଧାୟକ

ନବରଙ୍ଗପୁର,୨୮।୭(ସଦାଶିବ ପ୍ରହରାଜ)

ପୂର୍ବ ସରକାରଙ୍କ ଆହାର କେନ୍ଦ୍ର ତଥା ବର୍ତ୍ତମାନର ଶ୍ରୀଅନ୍ନ କେନ୍ଦ୍ରକୁ ରବିବାର ଅଚାନକ ପରିଦର୍ଶନ କରିବା ସହ କେନ୍ଦ୍ରରେ ଖାଦ୍ୟ ଗ୍ରହଣ କଲେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ । ବିଧାୟକ ମାଝୀ ରବିବାର ହଠାତ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ଶ୍ରୀଅନ୍ନ କେନ୍ଦ୍ରକୁ ଯାଇ ସେଠାକାର ପାରିପାର୍ଶ୍ୱିକ ସ୍ଥିତି, ଖାଦ୍ୟ ଗୁଣବତ୍ତା ଓ ମାନ ଯାଞ୍ଚ କରିବା ସହ ରୋଷେଇ ଶାଳର ପରିଷ୍କାର ପରିଛନ୍ନତା ବୁଲି ଦେଖିଥିଲେ। କେନ୍ଦ୍ରର ସମସ୍ତ ବ୍ୟବସ୍ଥା ନେଇ ଖୁସିବ୍ୟକ୍ତ କରିଥିଲେ । ନିଜେ ମଧ୍ୟ ସେଠାରେ ଖାଦ୍ୟ ଗ୍ରହଣ କରିବା ସହ ନିଜ ଅଇଁଠା ଥାଳି ଅନ୍ୟକୁ ନ ଦେଇ ନିଜେ ସଫା କରିଥିଲେ।


ଶ୍ରୀଅନ୍ନ କେନ୍ଦ୍ରରେ ଭୋଜନ କରୁଛନ୍ତି ବିଧାୟକ ଗୌରୀ ଶଙ୍କର ମାଝୀ।

ଜିଲା ଯୁବମୋର୍ଚ୍ଚା ଉପସଭାପତି ଭିକି ଜେନା, ତେନ୍ତୁଳିଖୁଣ୍ଟି ମଣ୍ଡଳ ସଭାପତି ହରେକୃଷ୍ଣ ମୁଦୁଲି, ନଗର ଯୁବମୋର୍ଚ୍ଚା ସଭାପତି ସନ୍ଦୀପ ମହାପାତ୍ର, ପ୍ରଭାତୀ କନ୍ଧ, ସମିତି ସଭ୍ୟା ମଞ୍ଜାଗାଁ ସହ ଅନ୍ୟାନ୍ୟ ବ୍ୟକ୍ତିଗଣ ଉପସ୍ଥିତ ଥିଲେ। ପରେ ବିଧାୟକ ମାଝୀ ଜିଲା ସଦର ମହାକୁମ୍ଭା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିବା ସହ ସେଠାରେ ନୂତନ ଭାବେ କାର୍ଯ୍ୟକ୍ଷମ ହୋଇଥିବା ସିଟି ସ୍କାନ କେନ୍ଦ୍ରକୁ ଯାଇ ସେଠାରେ କାର୍ଯ୍ୟରତ ଟେକ୍ନିସିଆନଙ୍କ ସହିତ ଆଲୋଚନା କରିଥିଲେ।

# 'ପୋଷଣ ଯୁକ୍ତ ଖାଦ୍ୟର ଆବଶ୍ୟକତା ପୂରଣ କରିବା' ଶୀର୍ଷକ ଆଲୋଚନାଚକ୍ର

ଡାବୁଗାଁ, ୨୮।୭ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷା ସପ୍ତାହର ଇକୋ କ୍ଲବ ଓ ପୋଷଣ ଦିବସ ଶନିବାର ପାଳିତ ହୋଇଯାଇଛି । ଶିକ୍ଷା ସପ୍ତାହର ଷଷ୍ଠ ଦିବସରେ ଡାବୁଗାଁ ବ୍ଲକର ପ୍ରତ୍ୟେକ ବିଦ୍ୟାଳୟରେ,'ମା ପାଇଁ ଗଛଟିଏ' ଓ କିପରି ପୋଷଣ ଯୁକ୍ତ ଖାଦ୍ୟର ଆବଶ୍ୟକତା ପୂରଣ କରିବା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଏକ୍ସ – ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ସୁଷମ ଖାଦ୍ୟ ପ୍ରଦର୍ଶନ କରିବା ସହ ଏହାର ଉପକାରିତା ସମ୍ପର୍କରେ ଅତିଥିଙ୍କୁ ବୁଝାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବନଲତା ମହାନ୍ତି, ଶିକ୍ଷୟିତ୍ରୀ ଅନିତା ବେହେରା, ଗିରିଶ ବାଳା ଜେନା, ପୁଷ୍ପାଞ୍ଜଳି ମଣି, ଚିନ୍ମୟୀ ପଟ୍ଟନାୟକ, ସସ୍ମିତା ଗୁଇଁ, ଶିକ୍ଷକ ଦିବାକର ବାରିକ୍ ଓ ଉମୁରାହାଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ମାଝୀ, ଶିବରାମ ବେହେରା, ଶୁଭସ୍ମିତା ପାଢ଼ୀ, ରଶ୍ମୀ ମାଝୀ, ସଙ୍ଗୀତା ବିଶ୍ୱାଳ, ମୟୂରୀ ଶୁଭସ୍ମିତା ସାହୁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ଦଣ୍ଡସେନା ପ୍ରମୁଖ ଚାରାରୋପଣ ଓ ରକ୍ଷଣାବେକ୍ଷଣ, ପୋଷଣ ଯୁକ୍ତ ଖାଦ୍ୟ ଖାଇବାର ଗୁରୁତ୍ୱ ବୁଝାଇଥିଲେ।


ଏକ୍ସ ବୋର୍ଡ ବିଦ୍ୟାଳୟରେ ପୋଷଣ ଯୁକ୍ତ ଖାଦ୍ୟ ପ୍ରଦର୍ଶନୀ କରାଯାଉଛି ।

# ନବରଙ୍ଗପୁର ଜିଲାରେ ୮ହଜାରରୁ ଊର୍ଦ୍ଧ୍ୱ ସଦସ୍ୟତା ଲକ୍ଷ୍ୟ: ଏବିଭିପି

ନବରଙ୍ଗପୁର,୨୮।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହରର ଏକ ହୋଟେଲରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ଶିକ୍ଷା ବର୍ଷରେ ଏବିଭିପି ଓଡିଶାରେ ୨,୫୦,୦୦୦ ସଦସ୍ୟତା ନେଇ ଲକ୍ଷ୍ୟ ରଖିଛି। ନବରଙ୍ଗପୁର ଜିଲାରେ ୮ହଜାରରୁ ଊର୍ଦ୍ଧ୍ୱ ସଦସ୍ୟତା କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବୈଠକରେ ଏବିଭିପିର ରାଜ୍ୟ ସହ ସମ୍ପାଦକ ସୁଭାଷ ନାୟକ ସୂଚନା ଦେଇଛନ୍ତି।

ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ସଦସ୍ୟତା ଅଭିଯାନ ଜାରି ରହିବ । ବିଭିନ୍ନ କ୍ଷେତ୍ରରେ ରୁଚି ରଖୁଥିବା ଛାତ୍ରୀଛାତ୍ରଙ୍କୁ ଯୋଡିବା ପାଇଁ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ କାର୍ଯ୍ୟକ୍ରମ ଆରମ୍ଭ କରିସାରିଲାଣି। ସେହିପରି ଓଡ଼ିଶାରେ ଦୀର୍ଘ ୬ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ଥିବାରୁ କ୍ୟାମ୍ପସରେ ଅନେକ ସମସ୍ୟା ରହିଛି। ରାଜ୍ୟରେ ଅଧାପକ ମରୁଡି ଏବଂ କ୍ୟାମ୍ପସରେ ଶୈକ୍ଷିକ ବାତାବରଣକୁ ଅନେକ ରାଜନୈତିକ ଦଳମାନେ ନଷ୍ଟ କରିବାରେ ସଫଳ ହେଉଛନ୍ତି । ବ୍ୟକ୍ତିତ୍ୱ ବିକାଶ ପାଇଁ ଛାତ୍ର ସଂସଦ ନିର୍ବାଚନ ହେବାର ଆବଶ୍ୟକତା ଅଛି ଏବଂ ନିର୍ବାଚନ ହେଲେ କ୍ୟାମ୍ପସରେ ଥିବା ସମସ୍ୟାର ସମାଧାନ ବାଟ ଫିଟିବ। ନୂତନ ସରକାର ଛାତ୍ର ସଂସଦ ନିର୍ବାଚନ କରିବେ ବୋଲି ଆମେ ଆଶାବାଦୀ ଅଛୁ। ଚଳିତ ବର୍ଷ ଯଦି ଛାତ୍ର ସଂସଦ ନିର୍ବାଚନ ନ ହୁଏ ଏବିଭିପି ରାଜରାସ୍ତାକୁ ଓହ୍ଲାଇବ ବୋଲି ରାଜ୍ୟ ସହ ସମ୍ପାଦକ ସୁଭାଷ ନାୟକ ଚେତାବନୀ ଦେଇଛନ୍ତି। ବୈଠକରେ ରାଜ୍ୟ ଜନଜାତି ସଂଯୋଜକ ମୋହନ ହରିଜନ, ଜିଲା ସହ ସଂଯୋଜକ ବିଭୁ ସୁନ୍ଦର ଜେନା ବିଭାଗ ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ଯୋଗଦେଇଥିବା ଏବିଭିପି କର୍ମକର୍ତ୍ତା।

# ରୋଜଗାର ଦେଉଛି ବର୍ଜ୍ୟ ଜରିରୁ ପ୍ରସ୍ତୁତ ଦଉଡ଼ି

ଚନ୍ଦାହାଣ୍ଡି,୨୮।୭ (ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପୂଜାରୀଗୁଡା ଗ୍ରାମର ୪ ପରିବାର ବର୍ଜ୍ୟ ଜରିରୁ ଦଉଡ଼ି ପ୍ରସ୍ତୁତ କରି ତାକୁ ବଜାରରେ ବିକ୍ରି କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଚନ୍ଦାହାଣ୍ଡି ଅଞ୍ଚଳର ବହୁ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟବହୃତ ଖାଲି ସିମେଣ୍ଟ ଜରି ବସ୍ତାଗୁଡିକୁ ଏଣେତେଣେ ଫିଙ୍ଗା ଯାଉଥିବା ଦେଖି ଏଥିରୁ ରୋଜଗାର ବାଟ ବାହାର କରିଛନ୍ତି। ନିଜ ଦୈନନ୍ଦିନ କାମ ସରିବା ପରେ ଏମାନେ ଦଉଡି ପ୍ରସ୍ତୁତିରେ ଲାଗି ପଡୁଛନ୍ତି। ସିମେଣ୍ଟ ଭରା ହୋଇ ରହିଥିବା ଏହି ଅପରିଷ୍କାର ବସ୍ତାକୁ ସଂଗ୍ରହ କରିବା ପରେ ସେଗୁଡିକୁ ନାଳରେ ଧୋଇ ସଫା କରନ୍ତି । ପରେ ଶୁଖିଲା ଜରି ଅଖାରୁ କେରାକେରା ପ୍ଲାଷ୍ଟିକ ସୂତା କାଢି ସେଥିରେ ବିଭିନ୍ନ କିସମର ଦଉଡି ବୋଳା ଯାଇଥାଏ। ଗୋରୁ, ଛେଳି, ମେଣ୍ଢା ବାନ୍ଧିବା ପାଇଁ ବ୍ୟବହୃତ ପଘା, ଘରେ ଖାଦ୍ୟ ପଦାର୍ଥ ସାଇତିବାକୁ ହେଉ କିମ୍ବା ଭାର ପାଇଁ ସିକା, କୂଅରୁ ପାଣି କାଢିବା ଦଉଡି ତିଆରି କରିଥାନ୍ତି । ଗୋଟିଏ ଗୋଟିଏ ପଘାର ମୂଲ୍ୟ ୫୦ ଟଙ୍କାରୁ ଶହେ ଟଙ୍କା, ସିକା ଓ ଭାର ଦଉଡିର ମୂଲ୍ୟ ଶହେରୁ ଦୁଇ ଶହ ଟଙ୍କା ଓ ଅନ୍ୟ କାମରେ ଲାଗୁଥିବା ଲମ୍ବା ଦଉଡିର ମୂଲ୍ୟ ଶହେରୁ ୫ ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ ବୋଲି ସେମାନେ କହିଛନ୍ତି। ଏହି କାମକରି ସେମାନେ ଦିନକୁ ୨୦୦ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି। ଦଉଡି ପ୍ରସ୍ତୁତ କାମରୁ ମିଳୁଥିବା ଅର୍ଥରେ ପରିବାରର ତେଲ ଲୁଣ ଚଳେ । ହେଲେ ଏହି କାମ କରୁଥିବା ଅଧିକାଂଶ ଲୋକଙ୍କ ହାତପାପୁଲି ଓ ଗୋଡ ବୃଦ୍ଧାଙ୍ଗୁଳିରେ କ୍ଷତ ହେଉଥିବା ସେମାନେ କହୁଛନ୍ତି। ବର୍ଜ୍ୟ ଜରିକୁ କାମରେ ଲଗାଇବା ସହିତ ପରିବେଶ ପ୍ରଦୂଷଣ ରୋକିବାରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରଖୁଥିବା ଏହି ପରିବାରକୁ ଜିଲା ପ୍ରଶାସନ ତରଫରୁ ସ୍ୱତନ୍ତ୍ର ସହାୟତା ଯୋଗାଇଦେବାକୁ ଉକ୍ତ ପରିବାରର ଗଜାନନ ନାଗ, ମହେନ୍ଦ୍ର ନାଗ, ସୁରେନ୍ଦ୍ର ନାଗ ଦାବି କରିଛନ୍ତି।


ଜରି ଅଖାରୁ ପ୍ରସ୍ତୁତ ଦଉଡି ବିକ୍ରି କରୁଛନ୍ତି।

# ମାଲକାନଗିରିରୁ ଜମ୍ମୁକୁ ସ୍ଥାନାନ୍ତର ହେବେ ବିଏସ୍‌ଏଫ୍ ଯବାନ

ମାଲକାନଗିରି, ୨୮।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମାଓବାଦୀ ପ୍ରବଣ ହୋଇଥିବା ବେଳେ ସେମାନଙ୍କ କବଳରୁ ସୁରକ୍ଷା ଦେବା ନିମନ୍ତେ କେନ୍ଦ୍ର ସରକାରଙ୍କ ଉଦ୍ୟମରେ ୨୦୧୦ରେ ବିଏସ୍‌ଏଫ୍ ଯବାନମାନଙ୍କୁ ମୁତୟନ କରିଥିଲେ। ସେବେଠାରୁ ବର୍ତ୍ତମାନ ସୁଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ୪ ବାଟାଲିୟନ ବିଏସ୍‌ଏଫ୍ ଯବାନ କ୍ୟାମ୍ପ କରି ରହିଛନ୍ତି। ଯବାନମାନଙ୍କ ଉପସ୍ଥିତି ପରେ ଜିଲାରେ ମାଓବାଦୀ ଆତଙ୍କ ବନ୍ଦ ହୋଇଯାଇଛି। ତେବ ବର୍ତ୍ତମାନ ଜାମ୍ମୁ କାଶ୍ମୀରର ଏଲ୍‌ଓସି ନିକଟରେ ପୁଣିଥରେ ଆତଙ୍କ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ଗତ ଦୁଇଦିନ ପୂର୍ବେ ପାକିସ୍ଥାନ ତରଫରୁ ଭାରତର ୨ ଜଣ ଯବାନଙ୍କୁ ହତ୍ୟା କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଏଲ୍‌ଓସିରେ କଡା ସୁରକ୍ଷା କରିବା ନିମନ୍ତେ ରଣନୀତି ପ୍ରସ୍ତୁତ କରୁଛନ୍ତି କେନ୍ଦ୍ର ସରକାର । ଏହି ପାକିସ୍ଥାନୀ ଆତଙ୍କକୁ ରୋକିବା ପାଇଁ ବିଏସ୍‌ଏଫ ଯବାନମାନଙ୍କୁ ମୁତୟନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ମାଲକାନଗିରି ଜିଲାରୁ ଗୋଟିଏ ବାଟାଲିୟନ ବିଏସ୍‌ଏଫ ଯବାନଙ୍କୁ ଜାମ୍ମୁକୁ ସ୍ଥାନାନ୍ତର କରିବା ପାଇଁ ନିଷ୍ପତି ନେଇଛନ୍ତି। ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳର ଗୋଟିଏ ବାଟାଲିୟନ ଜାମ୍ମୁ ସ୍ଥାନାନ୍ତର ହେବାକୁ ଥିବା ବେଳେ ପ୍ରାୟ ୨ ହଜାର ଯବାନ ଓଡିଶାରୁ ସ୍ଥାନାନ୍ତର ହେବେ।

ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମାଲକାନଗିରି ଜିଲାର ସମ୍ବେଦନଶୀଳ ଓ ମାଓବାଦୀ ପ୍ରବଣ ଅଞ୍ଚଳ କିମ୍ବା ଓଡିଶା–ଆନ୍ଧ୍ର ଏବଂ ଓଡିଶା–ଛତିଶଗଡ ସୀମାବର୍ତ୍ତୀ ଅଞ୍ଚଳରେ ମୁତୟନ ହୋଇଥିବା ବିଏସ୍‌ଏଫ ଯବାନଙ୍କୁ ସ୍ଥାନାନ୍ତର କରାଯିବ ନାହିଁ ବୋଲି ଜଣାପଡିଛି। ଯେଉଁ ସ୍ଥାନରେ ବିଏସ୍‌ଏଫ ଯବାନଙ୍କ କ୍ୟାମ୍ପ ବନ୍ଦ ହୋଇଯିବ ସେହି ସ୍ଥାନରେ ଓଏସ୍‌ଏପି, ଏସ୍‌ଓଜି ଏବଂ ଓଡିଶା ପୋଲିସକୁ ମୁତୟନ କରାଯିବ ବୋଲି ଜଣାପଡିଛି।

# ପାଟ୍ରୋଲିଂ ବେଳେ କଇଁଛ ଜବତ

ପାପଡାହାଣ୍ଡି, ୨୮।୭ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମୋକିଆ ପଞ୍ଚାୟତ ସଦର ମହକୁମାଠାରେ ପୋଲିସ ପାଟ୍ରୋଲିଂ ବେଳେ ଏକ କଇଁଚ ଉଦ୍ଧାର କରିଛି। ଏହି କଇଁଛକୁ ବନବିଭାଗକୁ ହସ୍ତାନ୍ତର କରିଛନ୍ତି ଥାନା ଅଧିକାରୀ ଦୀପକ କୁମାର ଜେନା। ବନ ବିଭାଗ ପକ୍ଷରୁ ଉଦ୍ଧାର କଇଁଛ ମୃଗ ବିହାର ପୋଖରୀରେ ଛଡାଯାଇଛି। ସୂଚନା ଅନୁଯାୟୀ ପାପଡାହାଣ୍ଡି ଥାନା ଅଧିକାରୀ ଦୀପକ କୁମାର ଜେନା ଓ ତାଙ୍କ ଟିମ ଶନିବାର ରାତିରେ ମୋକିଆ ଅଞ୍ଚଳରେ ପାଟ୍ରୋଲିଂ କରିବା ସମୟରେ ରାସ୍ତା କଡ଼ରେ ଏକ କଇଁଛ ଉଦ୍ଧାର କରି ସୁରକ୍ଷିତ ଅବସ୍ଥାରେ ରାତ୍ରିରେ ନିଜ ପାଖରେ ରଖିଥିଲେ। ରବିବାର ପାପଡାହାଣ୍ଡି ମୃଗ ବିହାରଠାରେ ବନପାଳ ଦାମିନୀ ଗରଡାକୁ ଥାନା ଅଧିକାରୀ କଇଁଛ ହସ୍ତାନ୍ତର କରିଥିଲେ।


କଇଁଚ ସହ ଥାନା ଅଧିକାରୀ।

# ପୋଲିସ, ପବ୍ଲିକ, ଆଡ୍‌ମିନିଷ୍ଟ୍ରେଶନ କୋ–ଅର୍ଡିନେଶନ କମିଟି ବୈଠକ

ଜୟପୁର,୨୮।୭(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରସ୍ଥିତ ଏକ ହୋଟେଲ କନ୍‌ଫରେନ୍ସ ହଲ୍‌ରେ ପୋଲିସ, ପବ୍ଲିକ, ଆଡମିନିଷ୍ଟ୍ରେଶନ କୋ–ଅର୍ଡିନେଶନ କମିଟି(ପିପିଏସିସି)ର ଏକ ବୈଠକ ଅନୁଷ୍ଠିତ ରବିବାର ହୋଇଯାଇଛି। ରଜନୀକାନ୍ତ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଜୟପୁର ସହରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ନିରଞ୍ଜନ ପାଣିଗ୍ରାହୀ ଏହାକୁ ପରିଚାଳନା କରିଥିଲେ। ଏହି ଅବସରରେ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ରଜନୀକାନ୍ତ ନାୟକ, ଉପ ସଭାପତି ସୁରେଶ ହୋତା, ଜାନକୀ ପାଣିଗ୍ରାହୀ, ଶକ୍ତି ପ୍ରସାଦ ଷଡଙ୍ଗୀ, ପ୍ରତାପ ପଟ୍ଟନାୟକ, ସତୀଶ ନନ୍ଦ ପ୍ରମୁଖ ମନୋନୀତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ରୂପେ ନିରଞ୍ଜନ ପାଣିଗ୍ରାହୀ, ସହସମ୍ପାଦକ ଶାନ୍ତନୁ ପଣ୍ଡା ଓ ମୁନା ପାଣିଗ୍ରାହୀ, କୋଷାଧ୍ୟକ୍ଷ ଭାବେ ଅରବିନ୍ଦ ମହାପାତ୍ର, ସତ୍ୟବାନ ପଣ୍ଡା ମନୋନୀତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ ସମ୍ପାଦକ ଭାବେ ଶଙ୍କର ପ୍ରହରାଜ, ରାଜେନ୍ଦ୍ର ଜେନା, ଝୁନୁ ପଣ୍ଡା, ରାଜେଶ ପାତ୍ର ଓ ବରୁଣ ଜୈନଙ୍କୁ ମନୋନୀତ କରାଯାଇଛି। ପରବର୍ତ୍ତୀ ସମୟରେ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯିବାକୁ ବୈଠକରେ ସ୍ଥିର ହୋଇଥିଲା। ସମସ୍ତ କର୍ମକର୍ତ୍ତା ଜୟପୁର କୋରାପୁଟର ଉନ୍ନତି ଓ ନିଜ ପଦବୀର ମର୍ଯ୍ୟାଦା ରକ୍ଷା କରିବା ନେଇ ଶପଥପାଠ କରିଥିଲେ। ଜୟପୁର ମେନରୋଡକୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନାମରେ ନାମିତ କରାଇବା ଓ ସ୍ୱାଧୀନତା ଦିବସରେ ଫ୍ଲେକ୍ସ ବୋର୍ଡରେ 'ଗର୍ବରେ କୁହ, ମୁଁ ଜଣେ ଭାରତୀୟ' ବୋଲି ଲେଖି ଜନସାଧାରଣଙ୍କର ଦସ୍ତଖତ ସଂଗ୍ରହ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା।

# ଚାରା ଲଗାଇ ମା' ଭଳି ଯତ୍ନ ନେଲେ ପୃଥିବୀ ସବୁଜିମାରେ ହସିବ

ସୁନାବେଡା/ସେମିଳିଗୁଡା ୨୮।୭
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)

କୋରାପୁଟ ଜିଲା ସେମିଳିଗୁଡା ସୂର୍ଯ୍ୟନଗର ବିକାଶ ପରିଷଦ ପକ୍ଷରୁ ରବିବାର ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିକାଶ ପରିଷଦ ସଭାପତି ଡକ୍ଟର ଚିତ୍ତରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ସୂର୍ଯ୍ୟନଗରରେ ଚାରାରୋପଣ କରାଯାଇଥିଲା। ମା' ଯେପରି ନିଜ ପିଲାମାନଙ୍କ ଯତ୍ନ ନେଇ ତାଙ୍କୁ ବଢାଇଥାଏ ସେହିପରି ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଟିଏ ଲେଖାଏ ଚାରା ଲଗାଇ ମା' ଭଳି ତା'ର ଯତ୍ନ ନେଲେ ଏ ପୃଥିବୀ ସବୁଜିମାରେ ସର୍ବଦା ହସୁଥିବ ବୋଲି ଉପସ୍ଥିତ କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଔଷଧୀୟ ଓ ଫୁଲଫଳ ଚାରା ରୋପଣ କରାଯାଇଥିଲା। ଆଗକୁ ସୂର୍ଯ୍ୟନଗର ଅଞ୍ଚଳରେ ଅଧିକ ଚାରା ରୋପଣ କରି ସବୁଜ ପରିବେଶ ସୃଷ୍ଟି କରାଯିବ ବୋଲି ସଭାପତି ଡକ୍ଟର ମିଶ୍ର ପ୍ରକାଶ କରିଥିଲେ।


ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ପରିଷଦର କର୍ମକର୍ତ୍ତା ଓ ସଦସ୍ୟମାନେ ଚାରାରୋପଣ କରୁଛନ୍ତି।

